ବର୍ଷ-୨୬, ସଂଖ୍ୟା-୨୯୧
ଭୁବନେଶ୍ୱର
ଅକ୍ଟୋବର, ୩୧, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 291
Bhubaneswar
October, 31, 2026, Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରିଲିଜ ହେଲା 'ଇଥା'ର ଟ୍ରେଲର

ଆକାଶମାର୍ଗରୁ ଜଳପ୍ରଳୟ ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ମହାଭାରତ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର

୨୧ଟି ସ୍ଥାନରେ ଏୟାର ଡ୍ରପିଂ, ୨ରେ ଆସିବେ କେନ୍ଦ୍ରୀୟ ଟିମ୍

ଯୋଗେ ଆକାଶମାର୍ଗରୁ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଂଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଂ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି।

ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଭାବିତ ଅଂଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କଲି। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଂଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି।

ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଂଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇବାକୁ କହିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ କେନ୍ଦ୍ର ସରକାର ତୁରନ୍ତ ସହାୟତା ଓ ହେଲିକପ୍ଟର ଯୋଗାଇ ଦେଇଛନ୍ତି ତଥା ରାଜ୍ୟର ପୂରା ପ୍ରଶାସନିକ ଟିମ୍ ସଜାଗ ରହି ଲୋକଙ୍କ ସେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଆକଳନ ପାଇଁ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରି କ୍ଷତିଗ୍ରସ୍ତ ଅଂଚଳ ଗସ୍ତ କରିବା ସହ ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସଙ୍ଗେ ବୈଠକ କରି ରିପୋର୍ଟ ପ୍ରସ୍ତୁତ କରିବେ।

ସେହିପରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ଅନେକ ଗାଁରେ ଘରର ତଳ ମହଲା ପର୍ଯ୍ୟନ୍ତ ବନ୍ୟାପାଣି ପଶିଯାଇ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଏଭଳି ସଙ୍କଟଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ କରାଯାଇ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ କରି ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଂଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଂ କରାଯାଉଛି। କୌଣସି ବି ପ୍ରଭାବିତ ପରିବାର କିମ୍ବା ବ୍ୟକ୍ତି ଯେପରି ଅନାହାରରେ ନରୁହନ୍ତି ଓ ପ୍ରତ୍ୟେକ ବନ୍ୟା ବିପନ୍ନଙ୍କ ପାଖରେ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପ୍ୟାକେଟ୍ ନିଶ୍ଚିତ ଭାବେ ପହଂଚେ, ତାହା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରଡିସିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି। ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। କେବଳ ହିଞ୍ଜିଳି ଅଂଚଳରେ ୧୨୦୦ କେଜିର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଉଛି। କୋଷ୍ଟଗାର୍ଡ ହେଲିକପ୍ଟର ସହାୟତାରେ ପାଣି ଘେରରୁ ୬ଜଣଙ୍କୁ ଉଦ୍ଧାର କରାଯାଇଛି ଓ ସୋରଡ଼ା, ଆସିକା, ଧରାକୋଟ ଭଳି ଜଳବନ୍ଦୀ ଅଂଚଳରେ ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଂଚାଯାଇଛି।

ପ୍ରବଳ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ବହୁ ମୁଖ୍ୟ ରାସ୍ତା ନଷ୍ଟ ହୋଇଯାଇଛି। ପୂର୍ବରୁ ଏଭଳି କ୍ଷୟକ୍ଷତି କେବେ ଦେଖିବାକୁ ମିଳିନଥିଲା। କନ୍ଧମାଳରେ କ୍ଷୟକ୍ଷତି ଓ ମୃତାହତକୁ ନେଇ କିଛି ଚର୍ଚ୍ଚା ଥିଲେ ମଧ୍ୟ ସରକାରୀସ୍ତରରେ କୌଣସି ସ୍ପଷ୍ଟୀକରଣ ବା ସତ୍ୟତା ମିଳିନାହିଁ। ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଡ଼ ବର୍ଷାର ସମ୍ଭାବନା ନଥିବା ଦର୍ଶାଇଥିଲେ ସୁଦ୍ଧା ସରକାରୀ କଳ ସମ୍ପୂର୍ଣ୍ଣ ସତର୍କ ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ରଖି ଶ୍ରୀ ପୂଜାରୀ କହିଛନ୍ତି ଯେ, ଅକ୍ଟୋବର ୧ରୁ ୩୦ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୮.୭ ପ୍ରତିଶତ ଅଧିକ ଅର୍ଥାତ୍ ୧୩୨ ମିମି ବର୍ଷା ହୋଇଥିବାବେଳେ ଗତ ତିନି ଦିନରେ ଗଞ୍ଜାମରେ ୧୧୮ ପ୍ରତିଶତ ଓ କନ୍ଧମାଳରେ ୧୨୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗଞ୍ଜାମରେ ବିଗତ ୨୪ ଘଣ୍ଟାରେ ୬୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷା ଯୋଗୁଁ ୨୪୨ଟି ପଂଚାୟତ, ୩୮୬ଟି ଗାଁ ଓ ୧୦୬ଟି ସହରାଂଚଳ ୱାର୍ଡ ପ୍ରଭାବିତ ହୋଇଛି। ପ୍ରଶାସନ ପକ୍ଷରୁ ୨୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମର ୩୫୨ଟି ଓ ଗଜପତିର ୩୪୦ଟି ରିଲିଫ୍ ସେଣ୍ଟରରେ ମୋଟ ୨୧୭୮୨ ଜଣ ବନ୍ୟା

ରାହୁଲ ଗାନ୍ଧୀଙ୍କୁ ଡିଡିଟିଏର ଚିଠି

ନୂଆଦିଲ୍ଲୀ,୩୦।୧୦(ମହାଭାରତ): ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀର ଏକ ପ୍ରମୁଖ ବ୍ୟବସାୟୀ ସଂଗଠନ ବଡ଼ ଅପିଲ୍ କରିଛି। ଦିଲ୍ଲୀ ଡ୍ରଗ୍ସ ଟ୍ରେଡର୍ସ ଆସୋସିଏସନ୍ (ଡିଡିଟିଏ) ପକ୍ଷରୁ ଶୁକ୍ରବାର ରାହୁଲ ଗାନ୍ଧୀଙ୍କୁ ଏକ ପତ୍ର ଲେଖି ଆସନ୍ତା ନଭେମ୍ବର ୧ ତାରିଖରେ ରାମଲୀଳା ମଇଦାନରେ ହେବାକୁ ଥିବା କଂଗ୍ରେସର ପ୍ରସ୍ତାବିତ ରାଲିକୁ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ସମୟରେ କୌଣସି ପ୍ରକାର ଶକ୍ତି ପ୍ରଦର୍ଶନ ଠିକ୍ ହେବ ନାହିଁ। ଡିଡିଟିଏ ସମ୍ପାଦକ ଆଶିଷ ଗ୍ରୋଭର ରାହୁଲ ଗାନ୍ଧୀଙ୍କୁ ଲେଖିଥିବା ପତ୍ରରେ ଦିଲ୍ଲୀର ବ୍ୟବସାୟୀ ସମୁଦାୟର ଚିନ୍ତା ଏବଂ ବର୍ତ୍ତମାନର ପରିସ୍ଥିତି ଉପରେ ଆଲୋକପାତ କରିଛନ୍ତି। ଆଶିଷ ଗ୍ରୋଭର ଉଲ୍ଲେଖ କରିଛନ୍ତି ଯେ, ଯେପରି କିଛି ପରିସ୍ଥିତିକୁ ଆଖି ଆଗରେ ରଖି ଆଜିର ମକ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି, ଠିକ୍ ସେହିପରି ନଭେମ୍ବର ୧ରେ ହେବାକୁ ଥିବା ରାଲିକୁ ମଧ୍ୟ ବାତିଲ ବା ସ୍ଥଗିତ ରଖିବାକୁ ବିଚାର କରାଯାଉ। ସମ୍ବିଧାନ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ମର୍ଯ୍ୟାଦା ରକ୍ଷା କରିବା ଉପରେ ସଂଗଠନ ଗୁରୁତ୍ୱାରୋପ କରିଛି।ପତ୍ରରେ କୁହାଯାଇଛି ଯେ, ଯେତେବେଳେ ମାମଲାଟି ପୂର୍ବରୁ ଅଦାଲତରେ ବିଚାରାଧୀନ ରହିଛି ଏବଂ ସମ୍ପୃକ୍ତ ପକ୍ଷଗୁଡ଼ିକ ସୁପ୍ରିମକୋର୍ଟରେ ନିଜର ଜବାବ ଦାଖଲ କରିସାରିଛନ୍ତି, ସେତେବେଳେ ରାଜନୈତିକ ଧକ୍କା ଓ ସର୍ବସାଧାରଣରେ ଶକ୍ତି ପ୍ରଦର୍ଶନ ବଦଳରେ ନ୍ୟାୟିକ ପ୍ରକ୍ରିୟା ଉପରେ ଭରସା ରଖିବା ଅଧିକ ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

ମହିଳା କନଷ୍ଟେବଲଙ୍କ ସ୍ୱାମୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ

କେନ୍ଦୁଝର,୩୦।୧୦(ମହାଭାରତ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ମହିଳା କନଷ୍ଟେବଲଙ୍କ ସ୍ୱାମୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ପୁଲିସ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ଅଛନ୍ତି। ଲୁଟ୍ ପାଇଁ ସେମାନେ ଏହି ହତ୍ୟା କରିଥିବା କହିଛନ୍ତି କେନ୍ଦୁଝର ଏସ୍‌ପି ନୀତୀନ କୁଶଲକର। ଏହି ଘଟଣାର ତଦନ୍ତ ସମ୍ବନ୍ଧୀୟ ସବିଶେଷ ସୂଚନା ପରେ ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ଏହା ସହିତ କହିଛନ୍ତି ଯେ ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଏରାଗୋଲା ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗ ସାଧାରଣତଃ ସୁନା ଚେନ୍ ଛିନତାଇ ଓ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ କରିଥାଏ। ଗିରଫ ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା କେଳର ବାସିନ୍ଦା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ୍ ଆଜି ୬ ଜଣଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଛି। ସିନ୍ ରିକ୍ରିଏସନ୍ ବେଳେ ସେଠାରେ ଉପସ୍ଥିତ ମୃତକଙ୍କ ମା' ଓ ପରିବାର ଲୋକେ ଭାବବିହ୍ୱଳ ହୋଇପଡ଼ିଥିଲେ। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ।

ବଡ଼ ଧରଣର ଭୂସ୍ଖଳନ : ପରିବାରର ୩ ମୃତ

ଭୁବନେଶ୍ୱର,,୩୦।୧୦(ମହାଭାରତ): ବାତ୍ୟା 'ଅର୍ଣ୍ଣବ' ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି କରାଇଛି। ଗୋଟିଏ ପରିବାରକୁ ସମ୍ପୂର୍ଣ୍ଣ ଭାବେ ଉଜାଡ଼ି ଦେଇଛି। ଭୂସ୍ଖଳନରେ ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କ ପ୍ରାଣ ଚାଲିଯାଇଛି। କନ୍ଧମାଳଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେଶି ଗ୍ରାମରେ ଭୂସ୍ଖଳନ ଘଟି ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି କନ୍ଧମାଳ-ଗଞ୍ଜାମ ସୀମାନ୍ତ ଗାଙ୍ଗୁବାଲି ପାହାଡ଼ରେ ବଡ଼ ଭୂସ୍ଖଳନ ହେବାରୁ ବାଇବେଲି ଏବଂ ଗିଡ଼ିପାବାଲି ଗାଁର ୧୩ ଜଣ ଲୋକ ନିଖୋଜ ଥିବା ସୂଚନା ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

ପ୍ରଥମେ ଏମାନେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ ବୋଲି ଗ୍ରାମବାସୀ କହୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଭୂସ୍ଖଳନ ଘଟିଥିବା ମାଟି ଅତଡ଼ା ତଳୁ ଏହି ନିଖୋଜ ୩ ଜଣଙ୍କ ମୃତ ଦେହର ସନ୍ଧାନ ପାଇଥିଲେ। ମୃତକମାନେ ହେଉଛନ୍ତି ଡାଙ୍ଗେଶି ଗ୍ରାମର ଅଚ୍ୟୁତ ପ୍ରଧାନ (୩୦), ତାଙ୍କ ପତ୍ନୀ ମାନସୀ ପ୍ରଧାନ (୨୭) ଏବଂ ସେମାନଙ୍କର ୭ ମାସର ଶିଶୁପୁତ୍ର। ନିଜ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ମାଟି

୧୩ ନିଖୋଜ, ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

ଅତଡ଼ା ତଳୁ ଏବଂ ପଙ୍କ ମଧ୍ୟରୁ ଏହି ୩ଟି ମୃତ ଦେହକୁ ଆଜି ଉଦ୍ଧାର କରାଯାଇଛି। କନ୍ଧମାଳ-ଗଞ୍ଜାମ ସୀମାନ୍ତ ଗାଙ୍ଗୁବାଲି ପାହାଡ଼ରେ ବଡ଼ ଭୂସ୍ଖଳନ। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ାରେ ଧୋଇ ହୋଇଯାଇଛି ବାଇବେଲି ଏବଂ ଗିଡ଼ିପାବାଲି ଗାଁ। ଏହି ଦୁଇ ଗ୍ରାମର ୧୩ ଜଣ ଲୋକ ନିଖୋଜ ଥିବା ସୂଚନା ଆସିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ପ୍ରାୟ ୩ କିମି ପର୍ଯ୍ୟନ୍ତ ପାହାଡ଼ ଧସିଯିବାରୁ ଏହି ପରିସ୍ଥିତି ଉପୁଜିଛି। କିଛି ଗ୍ରାମବାସୀ କିଲାପାଙ୍ଗା ଗ୍ରାମରେ ଥିବା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଛନ୍ତି।ଭୂସ୍ଖଳନ ଅଞ୍ଚଳରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଖୋଜ ଗ୍ରାମବାସୀଙ୍କ ତାଲାସୀ ଆରମ୍ଭ କରିଛି। ବାଲିଗୁଡ଼ା ଉପଜିଲ୍ଲାପାଳ ଏବଂ ରାଇକିଆ ବିଡିଓ ମଧ୍ୟ ଭୂସ୍ଖଳନ ଅଞ୍ଚଳକୁ ଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତକାଲି ସକାଳେ ପ୍ରବଳ ଭୂସ୍ଖଳନ ଯୋଗୁଁ ଅଚ୍ୟୁତଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାସି ଯାଇଥିଲା। ଅଚ୍ୟୁତଙ୍କ ଘର ନିକଟସ୍ଥ ଏକ ପାହାଡ଼ ତଳି ଅଞ୍ଚଳରେ ଥିବାରୁ ପ୍ରବଳ ବର୍ଷା ଯୋଗୁଁ, ପାହାଡ଼ ଉପରୁ ଭୀଷଣ ବେଗରେ ପାଣି ମାଡ଼ି ଆସିଥିଲା। ଫଳରେ ପାହାଡ଼ରୁ ଆସିଥିବା ପଙ୍କ, କାଦୁଅ ଏବଂ ବାଲିରେ ଅଚ୍ୟୁତଙ୍କ ଘର ଭାସି ଯିବା ସହ ସେଠାରେ ପଟୁ ଚଢ଼ି ଯାଇଥିଲା। ଗତକାଲିଠାରୁ ଅଚ୍ୟୁତ ଏବଂ ତାଙ୍କ ପତ୍ନୀ ତଥା ୭ ମାସର ଶିଶୁପୁତ୍ର କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସମ୍ପର୍କରେ ଗ୍ରାମବାସୀଙ୍କ ନିକଟରେ କିଛି ବି ଖବର ନଥିଲା।

ଗତକାଲି ପ୍ରବଳ ଜଳସ୍ରୋତ ଏବଂ ପାହାଡ଼ରୁ ଖସିଥିବା ମାଟି ଅତଡ଼ା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ବହୁ କଷ୍ଟରେ ଗ୍ରାମବାସୀ ଏବଂ ଅଗ୍ନିଶମ କର୍ମଚାରୀ ଆଜି ସନ୍ଧ୍ୟାରେ ଖୋଜାଖୋଜି କରିବା ପରେ ମାଟି ଅତଡ଼ା ତଳୁ ଏମାନଙ୍କ ଶବ ଉଦ୍ଧାର ସମ୍ଭବ ହୋଇଥିଲା। ଏହି ଘଟଣା ଘଟିବା ପରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମାଣିକେଶ୍ୱର ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ମୃତକଙ୍କ ପରିବାରକୁ ଜଣଙ୍କ ପିଛା ୪ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମନ୍ତ୍ରୀ ଶ୍ରୀ ନାୟକ ଘୋଷଣା କରିଛନ୍ତି।

ଖସିପଡ଼ିଲା ହେଲିକପ୍ଟର; ୬ ମୃତ

ନୂଆଦିଲ୍ଲୀ,୩୦।୧୦(ଏଜେନସି): ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲା ଯୋଶୀମଠ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ହେଲିକପ୍ଟରରେ ଜଣେ ପାଇଲଟ ଓ ୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କର ମୃତ୍ୟୁ ହୋଇଯାଇଛି। ମୃତ ପାଇଲଟଙ୍କ ନାଁ ହିମାଂଶୁ। ତାଙ୍କ ଘର ଦିଲ୍ଲୀରେ। ମୃତ ଯାତ୍ରୀମାନେ ହେଉଛନ୍ତି, ପ୍ରତାପ, ଅରୁଣ, ଶଙ୍କର ଗୌଡ଼, ସୁଧୀର କେ ଓ ଏସ୍‌ଏସ୍ ନଟରାଜ। ଏମାନେ ସମସ୍ତେ କର୍ଣ୍ଣାଟକାର। ଅରୁଣ ବେଙ୍ଗାଲୁରୁ ପୁଲିସ୍ କ୍ରାଇମବ୍ରାଞ୍ଚରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ।

ହେଲିକପ୍ଟରଟି ବଦ୍ରିନାଥରୁ ଡେରାଡୁନ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ମାରଓ୍ୱାଡ଼ି ବ୍ରିଜ୍ ଉପରେ ଓ ଜେପି ପାୱାର ହାଉସ୍ ଆଡ଼କୁ ଥିବା ପାହାଡ଼ିଆ ସ୍ଥାନରେ ଅପରାହ୍ନ ପ୍ରାୟ ୨ଟା ବେଳେ ଖସି ପଡ଼ିଥିଲା। ଏହି ହେଲିକପ୍ଟରଟି ଟ୍ରାନ୍ସ ଭାରତ ଏଭିଏସନ୍‌ର। ବଦ୍ରିନାଥରୁ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ଏହା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହା ପରେ ପରେ ହେଲିକପ୍ଟରଟି ସେହି ଅଞ୍ଚଳରେ ଖସି ପଡ଼ିଥିବା ଜଣାପଡ଼ିଥିଲା।

ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ପୁଲିସ୍‌ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପୁଲିସ୍, ଏସ୍‌ଡିଆରଏଫ୍, ସେନା ଓ ଆଇଟିବିପିର ଯବାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। ଏହି ଦୁର୍ଘଟଣା ଘଟିଥିବା ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ସ୍ପଷ୍ଟ କରିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବେ ବୋଲି ସେ ଆଶା ରଖିଥିଲା। ସେ ତାଙ୍କ 'ଏକ୍ସ'ରେ ଲେଖିଥିଲେ ଯେ ସେ ସ୍ଥିତି ଉପରେ ନଜର ରଖିଛନ୍ତି। ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଏସ୍‌ଡିଆରଏଫ ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।

୩୫.୩୮ ଲକ୍ଷ ଓଡ଼ିଶା ଚାଷୀଙ୍କୁ ମିଳିଲା ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର,୩୦।୧୦(ମହାଭାରତ): ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଅର୍ଥାତ୍ 'ପିଏମ୍ କିଷାନ' ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ୯.୩୪ କୋଟି ରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଚାଷୀଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ- ମୁଖ୍ୟମନ୍ତ୍ରୀ

ଗୁଜୁରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି କାର୍ଯ୍ୟକ୍ରମକୁ ଓଡିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ।

ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ୍ୟ ହୋଇଥିଲେ, ଯାହାକି କୃଷକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା। ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ



ଏବଂ ମଣ୍ଡି ସ୍ତରରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି।ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଅନ୍ନଦାତାଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜିକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେହିପରି ସିଏମ୍ କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି। ଚଳିତ ଶିକ୍ଷାବର୍ଷରେ ରେକର୍ଡ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଟିକୋଟି ଟଙ୍କାର ଅର୍ଥରାଶି ଛାତ୍ରବୃତ୍ତି ବାବଦରେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ରାଜ୍ୟର କୃଷି ଇତିହାସରେ ଏକ ଅଭୂତପୂର୍ବ ସଫଳତା।

ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଶୁଭ୍ରାଂଶୁ ମିଶ୍ର, ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଇଲିସି ମାଛ ବାଟିବସା

ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

.... ପରଦା ଖବର ....

ପୁଣି କଙ୍ଗନା-ମାଧବନ ଯୋଡ଼ି !

କଙ୍ଗନା ରାଣାଓ୍ୱତ ଓ ଆର ମାଧବନଙ୍କ ବିନା 'ତନୁ ଓ୍ୱେଡ୍ସ ମନୁ ୩'ର କଳ୍ପନା କରିବା ଅସମ୍ଭବ। ଏଭଳି ମତ ପ୍ରକାଶ କରିଛନ୍ତି ସିନେ ନିର୍ମାତା ତଥା ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟ। ବଲିଉଡ୍‌ର ଲୋକପ୍ରିୟ ରୋମାଣ୍ଟିକ୍ କମେଡି ଫିଲ୍ମ ଫ୍ରାଞ୍ଚାଇଜ୍ 'ତନୁ ଓ୍ୱେଡ୍ସ ମନୁ'ର ତୃତୀୟ ଭାଗକୁ ଦର୍ଶକ ଅପେକ୍ଷା କରି ରହିଥିବାବେଳେ ଏହାର ଷ୍ଟାର୍‌କାଷ୍ଟ୍‌କୁ ନେଇ ମଧ୍ୟ ଉତ୍ସୁକତା ଲାଗି ରହିଥିଲା। ପୂର୍ବ ଦୁଇଟି ଭାଗ ପରି ଏଥର ମଧ୍ୟ କଙ୍ଗନା ଓ ମାଧବନଙ୍କୁ ଦେଖିବାକୁ ମିଳିବ ନା ତାଙ୍କ ସ୍ଥାନରେ ଅନ୍ୟ କଳାକାର ସୁଯୋଗ ପାଇବେ, ତାହାକୁ ନେଇ ଦର୍ଶକଙ୍କ ମନରେ ବଡ଼ ପ୍ରଶ୍ନ ରହିଥିଲା। ଏବେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ନିର୍ଦ୍ଦେଶକ। ଆର ମାଧବନ ଓ କଙ୍ଗନା ରାଣାଓ୍ୱତଙ୍କ ବିନା ଏହି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଭାଗ ନିର୍ମାଣ କରିବା ସମ୍ଭବ ନୁହେଁ ବୋଲି ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି।୨୦୧୧ ମସିହାରେ 'ତନୁ ଓ୍ୱେଡ୍ସ ମନୁ' ଏବଂ ୨୦୧୫ରେ ଏହାର ଦ୍ୱିତୀୟ ଭାଗ 'ତନୁ ଓ୍ୱେଡ୍ସ ମନୁ ରିଟର୍ନସ୍'ର ନିର୍ଦ୍ଦେଶନା ଦେଇଥିଲେ ଆନନ୍ଦ ଏଲ୍ ରାୟ। ଉଭୟ ଫିଲ୍ମ ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଥିଲା। କଙ୍ଗନା ରାଣାଓ୍ୱତଙ୍କ ଜୀବନ୍ତ ଅଭିନୟ ଓ ଆର ମାଧବନଙ୍କ ସରଳ ସାବଲୀଳ ଅଭିନୟ ଦର୍ଶକଙ୍କ ମନ ଜିତିଥିଲା। ତେଣୁ ଏହାର ତୃତୀୟ ଭାଗରେ ମଧ୍ୟ ଏହି ଯୋଡ଼ିଙ୍କୁ ଦେଖିବାକୁ ମିଳିବା ନେଇ ନିର୍ଦ୍ଦେଶକଙ୍କ ବୟାନ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଛି। ଏହି ଫିଲ୍ମର ତୃତୀୟ ଭାଗ ନିର୍ମାଣ ପାଇଁ ଭଲ କାହାଣୀ ମିଳିବା ଜରୁରି ବୋଲି ଆନନ୍ଦ ସୂଚାଇଛନ୍ତି। ତାଙ୍କ ମତରେ, ଗୋଟାଏ ସିନେମାର ସଫଳତା ପାଇଁ ବଜେଟ୍‌ଠାରୁ କାହାଣୀର ଗୁରୁତ୍ୱ ଅଧିକ। ତେଣୁ ଦର୍ଶକଙ୍କୁ ଆକର୍ଷିତ କରିପାରୁଥିବା ପରି ଏକ ଭଲ କାହାଣୀ ମିଳିଲେ ହିଁ ଏହି ଲୋକପ୍ରିୟ ଫ୍ରାଞ୍ଚାଇଜ୍?ର ତୃତୀୟ ଭାଗ ନିର୍ମାଣ ଦିଗରେ ନିର୍ଦ୍ଦେଶକ ଆଗକୁ ବଢ଼ିବେ ବୋଲି ଆଶା କରାଯାଉଛି।

ଖାଆନ୍ତୁ ପଦ୍ମନାଡ଼

ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ। ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ। ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ। ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ। ପଦ୍ମର ନାଡ ଔଷଧ ପରି କାମ କରେ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ। ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ। ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ। ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

କର୍ତ୍ତବ୍ୟ ପାଳନ ହିଁ ଆଧ୍ୟାତ୍ମିକତା

ଅନେକ ଦିନ ତଳର କଥା। ସନ୍ଥନଗରରେ ସୁପ୍ରସିଦ୍ଧ ସନ୍ଥ ଜ୍ଞାନେଶ୍ୱର ସକାଳୁ ପୂଜାର୍ଚ୍ଚନା ପରେ ଆଶ୍ରମ ସମ୍ମୁଖରେ ବହୁଥିବା ନଦୀ କୂଳରେ ଭ୍ରମଣ କରୁଥିଲେ। ଏହି ସମୟରେ ଏକ ଶିଶୁର କ୍ରନ୍ଦନ ଶୁଣିପାରିଲେ। ଜ୍ଞାନେଶ୍ୱରଙ୍କ ନଜର ଏକ ଶିଶୁ ଉପରେ ପଡ଼ିଲା। ସେ ଜଳରେ ବୁଡ଼ିଯାଉଥିଲା। ସେ ତୁରନ୍ତ ନଦୀଗର୍ଭକୁ କୁଦି ପଡ଼ିଲେ। ଶିଶୁକୁ ବଞ୍ଚାଇ କୂଳକୁ ନେଇ ଆସିଲେ। ସେ ଦେଖିଲେ ଯେ କୂଳରେ ଜଣେ ସାଧୁ ମହାତ୍ମା ବସି ଧ୍ୟାନ କରୁଛନ୍ତି। ତାଙ୍କୁ ଦେଖିବା ପରେ ଜ୍ଞାନେଶ୍ୱର ତାଙ୍କୁ ଡାକିଲେ। ସାଧୁ ଜଣକ ଆଖି ଖୋଲି ଦେଖିବାରୁ ମହାନ ସନ୍ଥ ଜ୍ଞାନେଶ୍ୱର ଛିଡ଼ା ହୋଇଥିଲେ। ସେ ଜ୍ଞାନେଶ୍ୱରଙ୍କୁ ପ୍ରଣାମ କଲେ। ଜ୍ଞାନେଶ୍ୱର ପଚାରିଲେ, ତୁମେ ଏଠାରେ କ'ଣ କରୁଛ ? ସାଧୁ କହିଲେ, ମୁଁ ଏଠାରେ ଧ୍ୟାନ କରୁଥିଲି। ଜ୍ଞାନେଶ୍ୱର ପଚାରିଲେ, ତୁମେ କ'ଣ ପ୍ରକୃତରେ ଧ୍ୟାନସ୍ଥ ହୋଇପାରୁଥିଲ ? ସାଧୁ କହିଲେ, ନା ! ମୁଁ ଧ୍ୟାନ ଲଗାଇବାକୁ ଚେଷ୍ଟା କରୁଥିଲି କିନ୍ତୁ ମୋର ମନ ବିଚଳିଥିଲା। "ତୁମକୁ ସେହି ଶିଶୁର ଚିତ୍କାର ଶୁଭୁଥିଲା ନା ନାହିଁ ?" ଜ୍ଞାନେଶ୍ୱର ପ୍ରଶ୍ନ କଲେ। ସାଧୁ କହିଲେ ହଁ ଶୁଭୁଥିଲା। କିନ୍ତୁ ମୁଁ ତ' ଧ୍ୟାନ କରୁଥିଲି। ଧ୍ୟାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଥିଲା। ସାଧୁଙ୍କ କଥା ଶୁଣି ଜ୍ଞାନେଶ୍ୱର ସ୍ମିତ ହସିଲେ ଏବଂ କହିଲେ, ତୁମ ଧ୍ୟାନ କିପରି ସଫଳ ହୋଇପାରିବ ! ଈଶ୍ୱର ତୁମକୁ କାହାର ସେବା କରିବାର ସୁଯୋଗ ଦେଇଛନ୍ତି ଏବଂ ତାହା ହିଁ ତୁମର ପ୍ରଥମ କର୍ତ୍ତବ୍ୟ ଥିଲା। ଯଦି ତୁମେ ଏହି କର୍ତ୍ତବ୍ୟର ପାଳନ କରିଥାନ୍ତ ତେବେ ତୁମର ଧ୍ୟାନ ଲଗାଇବାରେ ମନ ଲାଗିଥାଆନ୍ତା। ପ୍ରଭୁଙ୍କ ଦ୍ୱାରା ନିର୍ମିତ ଏହି ସଂସାରର ଆନନ୍ଦ ନେବାକୁ ହେଲେ ପ୍ରଥମେ ସଂସାରରୂପୀ ବଗିଚାର ଯତ୍ନ ନେବା ଶିଖିବାକୁ ପଡ଼ିବ। ତା'ହେଲେ ଯାଇ ତୁମେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିବ। ନିଜ କଥାକୁ ସ୍ପଷ୍ଟ କରିବାକୁ ଯାଇ ଜ୍ଞାନେଶ୍ୱର କହିଲେ, ଆଧ୍ୟାତ୍ମ କେବେହେଲେ ନିଜ କର୍ତ୍ତବ୍ୟ ଠାରୁ ପଳାୟନ କରିବା ଶିଖାଏ ନାହିଁ। ସତ୍ୟ ଏହା ଯେ କର୍ତ୍ତବ୍ୟ ପାଳନ ହିଁ ବ୍ୟକ୍ତିକୁ ଆଧ୍ୟାତ୍ମ ଧାରଣ କରିବା ଲାଗି ଯୋଗ୍ୟ କରିଥାଏ। ଜ୍ଞାନେଶ୍ୱରଙ୍କ ଏପରି ସାରଗର୍ଭକ ଭାଷଣ ଶୁଣି ସାଧୁ ତାଙ୍କର ପାଦ ଧରିପକାଇଲେ ଏବଂ କହିଲେ, ମହାଭାଗ ! ଆଜି ଆପଣ ମୋ ଜୀବନର ଉଦ୍ଦେଶ୍ୟ ମୋତେ କହିଦେଇଛନ୍ତି, ମୋ ମନ ଏବେ ପୂର୍ଣ୍ଣ ସନ୍ତୁଷ୍ଟି ଲାଭ କରିବ।

ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା। ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ।ସେଥି ମଧ୍ୟରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୂ ଭୀମ ପାହାଡ ଅନ୍ୟତମ। ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର। ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ। କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ। ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର। ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ୍ୟ ରହିଛି। ବର୍ଷର ବିଭିନ୍ନ ସମୟରେ ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ। ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ। ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ। ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ। ଦେଢଶୁର ଭାଇବୋହୂ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର।ବର୍ଷର ବିଭିନ୍ନ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ। ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ। ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ। ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ। ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

ମୂଳା ଖାଇବାର ଫାଇଦା

ମୂଳା ଖାଇବାକୁ ଭଲ ଲାଗେ ବୋଲି ଅଧିକ ଲୋକ ଖାଆନ୍ତି। କିନ୍ତୁ ଏହାର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ମୂଳା ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ। ଥଣ୍ଡା ଦିନରେ ପ୍ରତିଦିନ ମୂଳା ଖାଇଲେ କଣ କଣ ଲାଭ ମିଳିଥାଏ ଜାଣନ୍ତୁ।

ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ : ମୂଳାରେ ବହୁ ମାତ୍ରାରେ ଭିଟାମିନ-ସି ରହିଛି। ଯାହାଫଳରେ ଶୀତ ଦିନରେ ଥଣ୍ଡା କାଶରୁ ରକ୍ଷା ମିଳିଥାଏ। ମୂଳା ଶରୀରରେ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଶରୀରରେ ଜ୍ୱଳନ ମଧ୍ୟ କମ କରିଥାଏ।

ରକ୍ତଚାପ ନିୟନ୍ତ୍ରଣ କରିଥାଏ : ମୂଳା ଶରୀରକୁ ପୋଟାସିୟମ ଯୋଗାଇଥାଏ ଯେଉଁଥିପାଇଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ। ଯଦି ହାଇପାରଟେନସନ ସମସ୍ୟା ଥାଏ ତାହେଲେ ମୂଳା ନିଶ୍ଚୟ ଖାଇବା ଉଚିତ। ଆୟୁର୍ବେଦ ଅନୁସାରେ ମୂଳା ରକ୍ତ ଉପରେ ଶୀତଳ ପ୍ରଭାବ ପକାଇଥାଏ।

ହୃଦୟ ରୋଗରୁ ରକ୍ଷା କରିଥାଏ: ମୂଳା ଏଂଥୋସାୟନିନର ଏକ ସ୍ରୋତ ଯାହା ଦ୍ୱାରା ହୃଦୟ ଭଲ ଭାବେ କାମ କରିଥାଏ। ପ୍ରତିଦିନ ମୂଳା ଖାଇଲେ ହୃଦୟ ରୋଗ ବିପଦ କମ ହୋଇଥାଏ। ମୂଳାରେ ଫୋଲିକ ଏସିଡ ଓ ଫ୍ଲେବୋନାୟଡ୍ସ ରହିଛି। ଯାହା ଅକ୍ସିଜେନ ମାତ୍ରା ବଢ଼ିଥାଏ ଓ ହୃଦୟ ରୋଗରୁ ରକ୍ଷା କରିଥାଏ।

ଫାଇବର ସ୍ରୋତ : ମୂଳାରେ ବହୁ ମାତ୍ରାରେ ଫାଇବର ରହିଛି। ମୂଳା ଖାଇବା ଦ୍ୱାରା ଶରୀରରେ ଫାଇବର ମାତ୍ରା କମିନଥାଏ। ଫାଇବର ମାତ୍ରା ଯୋଗୁଁ ପାଚନ ତନ୍ତ୍ର ଭଲ ଭାବେ କାମ କରିଥାଏ। ମୂଳା ଲିଭର ଓ ଗଲ ବ୍ଲାଡରକୁ ମଧ୍ୟ ସୁରକ୍ଷିତ ରଖିଥାଏ।

ରକ୍ତ ବାହକକୁ ମଜବୁତ କରିଥାଏ : ମୂଳାରେ କୋଲୋଜେନ ରହିଛି ଯାହା ମଣିଷ ଶରୀରରେ ରକ୍ତ ବାହକକୁ ମଜବୁତ କରିଥାଏ। ଯାହାଫଳରେ ଆଥେରୋସ୍କ୍ଲେରୋସିସ୍ ଭଳି ଗମ୍ଭୀର ରୋଗ ହେବାର ସମ୍ଭାବନା କମିଯାଇଥାଏ।

ମେଟାବୋଲିଜିମ୍ ବଢ଼ିଥାଏ : ମୂଳା ପାଚନ ତନ୍ତ୍ର ପାଇଁ ବହୁତ ଲାଭଦାୟକ। ତାଛଡା ଏସିଡ଼ିଟି, ମୋଟାପଣ, ଗ୍ୟାସ ସମୟ ଓ ବାନ୍ତି ଭଳି ସମସ୍ୟା ମଧ୍ୟ ଠିକ କରିବାରେ ସାହାଯ୍ୟ କରିଥାଏ।

ତ୍ୱଚା ପାଇଁ ଲାଭଦାୟକ : ସୁନ୍ଦର ଓ ମସୃଣ ତ୍ୱଚା ପାଇଁ ପ୍ରତିଦିନ ମୂଳା ଜୁସ ପିଇବା ଉଚିତ। ମୂଳାରେ ଭିଟାମିନ-ସି ଓ ଫସଫରସ ଥିବାରୁ ଏହା ତ୍ୱଚାର ରୁଖାପଣ ଦୂର କରିଥାଏ। କେଶରେ ଲଗାଇଲେ ଉପି ସମସ୍ୟା ମଧ୍ୟ ଦୂର ହୋଇଥାଏ ଓ କେଶ ମଜଭୁତ ହୋଇଥାଏ।

ପୋଷାକ ତତ୍ୱରେ ଭରପୁର: ନାଲି ମୂଳାରେ ଭରପୁର ମାତ୍ରାରେ ଭିଟାମିନ-ଏ, ଇ, ସି, କେ ଓ ୬, ରହିଛି। ଏଥିରେ ବହୁ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଜିଙ୍କ, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ରହିଛି। ଏହିସବୁ ପୋଷାକ ତତ୍ୱ ଯୋଗୁଁ ଏହା ଶରୀରକୁ ସୁସ୍ଥ ରଖିଥାଏ।

୬୪ ମହିଳା ପରିଚାଳିତ କମ୍ପାନୀର ୩୨୦ ନିର୍ଦ୍ଦେଶକଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୧୦(ମହାଭରତ): ୨୬ ଅକ୍ଟୋବର (ହି.ସ)– ରାଜ୍ୟରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉତ୍ପାଦକ କମ୍ପାନୀଗୁଡ଼ିକୁ ଅଧିକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରର ପୋଖରୀପୁଟସ୍ଥିତ ମିଶନ ଶକ୍ତି ଭବନଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମହିଳା ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ ମହିଳା ଆଜି ସଫଳତାର ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛନ୍ତି। ନିରନ୍ତର ପ୍ରୟାସ, ସକାରାତ୍ମକ ପ୍ରଚେଷ୍ଟା, ଅଦମ୍ୟ ସାହସ ଓ ଉଦ୍ୟୋଗୀ ମନୋବୃତି ଆମ ମହିଳାଙ୍କୁ ଆଜି ସଫଳ କରାଇପାରିଛି। ମହିଳାଙ୍କୁ ପ୍ରେରିତ, ଉତ୍ସାହିତ ଓ ଦିଗଦର୍ଶନ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ବଜେଟରୁ ଓ ବ୍ୟାଙ୍କମାନଙ୍କ ମାଧ୍ୟମରେ ରାଜ୍ୟ ସରକାର ଆମ ମହିଳାଙ୍କୁ ସୁଧରହିତ ଋଣ ପୁଞ୍ଜି ଯୋଗାଇ ଦେଉଅଛନ୍ତି ଏବଂ ତତସହିତ ମହିଳାମାନଙ୍କୁ ଉତ୍ପାଦନ ଓ ବ୍ୟାପାର ସମ୍ବନ୍ଧୀୟ ପ୍ରଶିକ୍ଷଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ ବ୍ୟାପକ ସହଯୋଗ କରୁଅଛନ୍ତି ।

ସୂଚନାଯୋଗ୍ୟଯେ ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ (ଏକ୍ସଆଇଏମବି) ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱାର୍କ ଆଣ୍ଡ୍ ସୋସିଆଲ୍ ସାଇନସ୍ସେ (ନିସ୍ୱାସ)ର ମିଳିତ ସହଯୋଗରେ ମହିଳା ଉତ୍ପାଦକ କମ୍ପାନୀର ସଦସ୍ୟାଙ୍କୁ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପ୍ରଶିକ୍ଷଣ ଅକ୍ଟୋବର ୨୬ରୁ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ମୋଟ ୧୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିରେ କୃଷି ଉତ୍ପାଦକ କ୍ଲଷ୍ଟର ଅଧୀନରେ ଥିବା ୬୩ଟି ମହିଳା ଉତ୍ପାଦକ କମ୍ପାନୀ ଏବଂ ଗୋଟିଏ ମିଲେଟ୍ ଉତ୍ପାଦକ କମ୍ପାନୀର ମୋଟ ୩୨୦ ଜଣ ପରିଚାଳନା ପରିଷଦ ସଦସ୍ୟା ପ୍ରଶିକ୍ଷଣ ଗ୍ରହଣ କରିବେ।

ଆଜି ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ୫ ଗୋଟି ମହିଳା ଉତ୍ପାଦକ କମ୍ପାନୀର ୨୫ ଜଣ ପରିଚାଳନା ପରିଷଦ ସଦସ୍ୟା ଯୋଗଦାନ କରିଅଛନ୍ତି।

ପ୍ରଶିକ୍ଷଣ ସମୟରେ ମହିଳା ସଦସ୍ୟାମାନଙ୍କୁ କୃଷି ଉତ୍ପାଦକ

ସଂଗଠନର ସୁପରିଚାଳନା, ନେତୃତ୍ୱ ବିକାଶ, ଆର୍ଥିକ ସହାୟତା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ବଜାର ସଂଯୋଗ ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ଏହା ସହିତ ଗୋଷ୍ଠୀ ଆଲୋଚନା, ବ୍ୟବହାରିକ ଅଭ୍ୟାସ ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ସେମାନଙ୍କ ଉଦ୍ୟୋଗ ପରିଚାଳନା ଦକ୍ଷତା ବୃଦ୍ଧି କରାଯିବ।

ଉମରକୋଟରେ ଉଦଘାଟିତ ହେଲା ବିକଶିତ ଓଡ଼ିଶା ୨.୦ ମେଗା ପ୍ରଦର୍ଶନୀ

ଭୁବନେଶ୍ୱର,୩୦।୧୦: ବିକଶିତ ଭାରତ ୨୦୪୭' ର ଦୃଷ୍ଟିକୋଣକୁ ଆଗକୁ ନେବା ଲକ୍ଷ୍ୟରେ ସୋମବାରଠାରୁ ଉମରକୋଟ ଠାରେ ଶୁଭାରମ୍ଭ ହୋଇଛି ବିକଶିତ ଓଡ଼ିଶା ୨.୦ । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଜିଲ୍ଲାର ଜନସାଧାରଣଙ୍କ ପାଇଁ ଏକ ବୃହତ୍ ସଚେତନତା ମଂଚ ଭାବେ ପ୍ରସ୍ତୁତ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ପ୍ରଦର୍ଶନୀର ମୂଳ ଲକ୍ଷ୍ୟ ହେଉଛି ସରକାରୀ ଯୋଜନା ଓ ସେବାକୁ ସିଧାସଳଖ ସାଧାରଣ ଜନତାଙ୍କ ପାଖରେ ପହଂଚାଇବା। ଅନେକ ସମୟରେ ଗ୍ରାମାଂଚଳର ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପର୍ଯ୍ୟାପ୍ତ ସୂଚନା ପାଇନଥାନ୍ତି, ଫଳରେ ସେମାନେ ସେଥିରୁ ଲାଭ ଉଠାଇପାରନ୍ତି ନାହିଁ। ଏହି ପ୍ରଦର୍ଶନୀ ସେହି ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ମୁଁ ଭାବୁଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏହି ପ୍ରଦର୍ଶନୀରେ ନିଜନିଜର ଷ୍ଟଲ୍ ଖୋଲିଛନ୍ତି। ସରକାରଙ୍କ ଯୋଜନା, ଜନସେବା ଏବଂ ଏ ପର୍ଯ୍ୟନ୍ତ ହାସଲ କରିଥିବା ଉପଲବ୍ଧିକୁ ଚିତ୍ର, ମଡେଲ ଓ ସୂଚନା ମାଧ୍ୟମରେ ପ୍ରଦର୍ଶନ ହେବ। ଯାହା ଫଳରେ ଜନସାଧାରଣ ଗୋଟିଏ ସ୍ଥାନରେ ଏକାଧିକ ବିଭାଗର ସୂଚନା ପାଇପାରିବେ ଏବଂ ସେମାନଙ୍କ ଭିତରେ ସଚେତନତା ବୃଦ୍ଧି ହେବ ଏହା ସହିତ ସରକାରଙ୍କ ସମସ୍ତ ଯୋଜନା ଓ ଉପଲବ୍ଧି ବିଷୟରେ ସିଧାସଳଖ ଜାଣିବାର ସୁଯୋଗ, ଯୋଜନାର ଆବେଦନ ପ୍ରକ୍ରିୟା ବୁଝିବାରେ ଲୋକଙ୍କୁ ସହଜ ହେବ।

ଲୋକାର୍ପିତ ହେଲା ଓମ୍ ବିହାର ର ରାସ୍ତା ଓ ଡ୍ରେନ୍

ଭୁବନେଶ୍ୱର , ୩୦।୧୦(ମହାଭାରତ):– ଭୁବନେଶ୍ୱର ର ଜନସାଧାରଣଙ୍କ ଆବଶ୍ୟକତା ପୂରଣ ମୋର ପ୍ରଥମ ପ୍ରାଥମିକତା। ଜନସେବା ହିଁ ଆମର ସଂକଳ୍ପ, ଜନସାଧାରଣଙ୍କ ସନ୍ତୋଷ ହିଁ ଆମର ସଫଳତା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ଉଚିତ୍ ବ୍ୟବସ୍ଥା ସହିତ ପାନୀୟ ଜଳ,ବିଜୁଳି ଯୋଗାଣ ଇତ୍ୟାଦି କୁ ନେଇ ସବୁବେଳେ କାର୍ଯ୍ୟ ଚାଲିଥିବା ବେଳେ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ର ଉନ୍ନତି ପାଇଁ ମଧ୍ୟ ବିଭିନ୍ନ ସ୍ୱରେଜ୍ ଓ ଡ୍ରେନେଜ୍ କାର୍ଯ୍ୟ ଆବଶ୍ୟକତା ମୁତାବକ ଜାରି ରହିଛି । ତେବେ ଏହି ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ଆଜି ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣୀବିହାର ମଣ୍ଡଳର ୧୦ ନମ୍ବର ୱାର୍ଡର ଓମ୍ ବିହାର ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି। ପାଖାପାଖି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଲୋକ ମାନଙ୍କ ଜୀବନ ଧାରଣ ର ମାନ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଭୁବେନଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି ।

ଏଠାରେ ସୂଚନା ଯୋଗ୍ୟ ,ଗତ ୨୦୨୫ ମସିହା ଫେବୃଆରୀ ମାସରେ ସ୍ଥାନୀୟ ଜନସାଧାରଣ ଓମ୍ ବିହାର ଅଞ୍ଚଳର ରାସ୍ତା ଓ ଡ୍ରେନ୍ ସମସ୍ୟା ସମ୍ପର୍କରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କୁ ଅବଗତ କରାଇଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ, ସମନ୍ୱୟ ଓ ଅକ୍ଲାନ୍ତ ପ୍ରୟାସ ଫଳରେ ଆଜି ଏହି କାର୍ଯ୍ୟ ସଫଳ ରୂପ ନେଇପାରିଛି ବୋଲି କହିଛନ୍ତି ସାଂସଦ।

ଏହି ଅବସରରେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ସାଂସଦ ପ୍ରତିନିଧି ପ୍ରଣୟ କାରଣ, ମନ୍ମଥ ନାୟକ, ଓମ୍ ବିହାର କମିଟି ସଭାପତି ରମାକାନ୍ତ ପଣ୍ଡା , ରଜତ ପାତ୍ର, ମଣ୍ଡଳ ସଭାପତି ଲିପା ଦାସ,ୱାର୍ଡ ସଭାପତି ସୌଭାଗ୍ୟ, ସ୍ଥାନୀୟ ତହସିଲଦାର, ବହୁ ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ବୟୋଜ୍ୟେଷ୍ଠ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସତର୍କତା ସଚେତନତା ସପ୍ତାହ ଅବସରରେ କର୍ମଚାରୀଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର, ୩୦।୧୦(ମହାଭାରତ): ସତର୍କତା ସଚେତନତା ସପ୍ତାହ–୨୦୨୬ ପାଳନ ଅବସରରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ମଣ୍ଡଳର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତର୍କତା ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ମାଧ୍ୟମରେ ରେଳ କର୍ମଚାରୀମାନେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତରଦାୟିତ୍ୱ ବଜାୟ ରଖିବା ସହ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ରେଳ କର୍ମଚାରୀ ଓ ରେଳଯାତ୍ରୀମାନଙ୍କ ମଧ୍ୟରେ ସତର୍କତା, ସ୍ୱଚ୍ଛତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ଖୋର୍ଦ୍ଧା ରୋଡ଼ ସ୍ଥିତ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା, ନାଗରିକ ଓ ଗ୍ରାହକମାନଙ୍କ ପାଇଁ ଅଭିଯୋଗ ସମାଧାନ ଶିବିର, ବିଷୟବସ୍ତୁ ଆଧାରିତ ଆଲୋଚନାଚକ୍ର, ନୁକ୍କଡ଼ ନାଟକ, ସ୍କାଉଟ୍ସ ଓ ଗାଇଡ୍ସଙ୍କ ଅଂଶଗ୍ରହଣରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସଚେତନତା ଶିବିର ଆୟୋଜନ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ନୈତିକ ମୂଲ୍ୟବୋଧର ପ୍ରସାର, ସ୍ୱଚ୍ଛତାର ସୁରକ୍ଷା ଓ ଦୁର୍ନୀତି ନିବାରଣ ସମ୍ପର୍କରେ ଜନସଚେତନତା ବୃଦ୍ଧି କରାଯାଉଛି।

ପୂର୍ବତଟ ରେଳପଥ କର୍ମଚାରୀଙ୍କ ସତ୍ୟନିଷ୍ଠାର ଶପଥ ଗ୍ରହଣ

ଭୁବନେଶ୍ୱର,୩୦।୧୦(ମହାଭାରତ): ରେଳବାଇ କାର୍ଯ୍ୟକଳାପରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବ ତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ କରାଯାଉଛି। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ।ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ "ଚକ୍ସକ୍ଟଭସଖ୍ଛ ଲକ୍ଷ୍ଟକ୍ସ ଚକ୍ସକ୍ଟସ୍କକ୍ସରକ୍ସ-ସଖ୍ଛ" (ସମୃଦ୍ଧି ପାଇଁ ସତ୍ୟନିଷ୍ଠା) ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତିରେ ଯୋଗଦାନ କରିବା ଦିଗରେ ସତ୍ୟନିଷ୍ଠା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।ଶପଥ ଗ୍ରହଣ ସମାରୋହରେ ରେଳ ଅଧିକାରୀ ଓ କର୍ମଚାରୀମାନେ ନିଜର ବୃତ୍ତିଗତ କାର୍ଯ୍ୟକଳାପରେ ସର୍ବୋଚ୍ଚ ସ୍ତରର ସତ୍ୟନିଷ୍ଠା ଓ ନୈତିକତା ବଜାୟ ରଖିବା, ସଚ୍ଚୋଟତା ଓ ନିରପେକ୍ଷତାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ବୃହତ୍ତର ଜନସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ ପୁନଃ ସଂକଳ୍ପ ନେଇଥିଲେ। ଏହି ଶପଥରେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା, ଦୁର୍ନୀତି ନିବାରଣ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ଦୁର୍ନୀତି ନିବାରଣ କ୍ଷେତ୍ରରେ ନୈତିକ ଆଚରଣ ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ସମ୍ପର୍କରେ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏହା ପୂର୍ବ ତଟ ରେଳପଥର

କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, ନିରପେକ୍ଷତା ଓ ସତ୍ୟନିଷ୍ଠା ବଜାୟ ରଖିବା ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରୁଛି।ଏହି ଶପଥ ଗ୍ରହଣ ସମାରୋହରେ ପୂର୍ବ ତଟ ରେଳପଥର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସତର୍କତା ସଚେତନତା ସପ୍ତାହ ପାଳନ ମାଧ୍ୟମରେ ପୂର୍ବ ତଟ ରେଳପଥ ଯାତ୍ରୀ ଓ ଦେଶର ସେବାରେ ସତ୍ୟନିଷ୍ଠା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ପୁରୀରେ ହବିଷ୍ୟାଳୀ ମା'ମାନଙ୍କ ଭକ୍ତିଭାବନାକୁ କୁଠାରାଘାତ କରୁଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର ୩୦।୧୦(ମହାଭାରତ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ରାଧାଦାମୋଦର ବ୍ରତ ପାଳନ ପାଇଁ ଆସିଥିବା ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇଛି। ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଚିକିତ୍ସା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାରେ ବିଜେପି ସରକାର କ୍ରମାଗତ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ। ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଗତ ୩ ବର୍ଷ ଧରି ହବିଷ୍ୟାଳୀ ମା'ମାନଙ୍କ ପାଇଁ ସୁବ୍ୟବସ୍ଥା ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା କେବଳ ଏକ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ବରଂ ଓଡ଼ିଆଙ୍କ ଧାର୍ମିକ ଭାବନା, ପରମ୍ପରା ଓ ମହାନ ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା । ହବିଷ୍ୟାଳୀ ମା'ମାନଙ୍କ ଆସ୍ଥା ଓ ଭାବାବେଗକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ଅସୁବିଧାରେ ପକାଇବା ଅତ୍ୟନ୍ତ ଦୁଃଖଦାୟକ । ନବୀନ ସରକାର ସମୟରେ ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥିତ ଆୟୋଜନ କରାଯାଉଥିଲା । ଦୂରଦୂରାନ୍ତରୁ ଆସୁଥିବା ବୟସ୍କା ମହିଳାମାନେ ନିରାପଦରେ ରହି ବିନା ବାଧାରେ ନିଜର ବ୍ରତ ପାଳନ କରିପାରୁଥିଲେ । କିନ୍ତୁ ଆଜି ଅନେକ ହବିଷ୍ୟାଳୀ ମା' ମାନେ ରହିବା ପାଇଁ ସ୍ଥାନ ନପାଇ ରାସ୍ତାକଡ଼ରେ ଓ ଖୋଲା ଆକାଶ ତଳେ ରାତି କାଟିବାକୁ ବାଧ ହେଉଛନ୍ତି । ପଞ୍ଜୀକରଣ ହୋଇନଥିବା ଅନେକ ହବିଷ୍ୟାଳୀଙ୍କୁ ଆଶ୍ରୟ ନଦେବା ଏବଂ ସୀମିତ ବ୍ୟବସ୍ଥା କରି ଅନ୍ୟମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ ।

ସେମାନଙ୍କ ବୟସ, ଶାରୀରିକ ଅସୁବିଧା ଓ ଭକ୍ତିଭାବନାକୁ ବିଚାରକୁ ନନେବା ସରକାରଙ୍କ ଅସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି । ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କଥା କହୁଥିବା ବିଜେପି ସରକାରଙ୍କ ଏଭଳି କାର୍ଯ୍ୟ ଓ ଆଚରଣ ମଧ୍ୟରେ ସ୍ପଷ୍ଟ ବିରୋଧାଭାସ ରହିଛି । ହବିଷ୍ୟାଳୀ ମା'ମାନଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା, ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟସେବା, ନିରାପଦ ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଉ ।

ଡିସେମ୍ବର ୧୪କୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରାଯିବ

ଭୁବନେଶ୍ୱର, ୩୦।୧୦(ମହାଭାରତ): ଗତ ଦୁଇବର୍ଷ ଧରି ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କୃତ କରିଆସୁଥିବା ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ମାସ ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରାଯାଇଛି ।

ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଆଜି ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ଉନ୍ନତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନକୁ ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚନା କରାଯାଇ ତାହା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ମାତ୍ର ଆମ ଦେଶରେ, ବିଶେଷତଃ ଓଡ଼ିଶାରେ ପ୍ରୁଫ୍-ସଂଶୋଧନକୁ ଅଣଦେଖା କରାଯାଉଥିବାରୁ ପ୍ରକାଶନ କ୍ଷେତ୍ରରେ ଗୁରୁତର ସଂକଟ ପରିଲକ୍ଷିତ ହେଉଛି । ସଂପ୍ରତି ଆମ ରାଜ୍ୟରେ ଠିକ୍ ଭାବେ ପ୍ରୁଫ୍-ସଂଶୋଧନ ହେଉନଥିବାରୁ ପ୍ରକାଶିତ ପାଠ୍ୟପୁସ୍ତକ ସମେତ ସକଳ ପ୍ରକାର ପୁସ୍ତକରେ ବହୁସଂଖ୍ୟକ ତ୍ରୁଟି ପରିଲକ୍ଷିତ ହୋଇଥିବା ଶ୍ରୀ ମହାନ୍ତ ଉଲ୍ଲେଖ କରିଥିଲେ ।

ସେ ପୁଣି ଦର୍ଶାଇଥିଲେ ଯେ, ଗୋପାଳକୃଷ୍ଣ ଗୋଖଲେଙ୍କ ଶିକ୍ଷା ସମ୍ବନ୍ଧୀୟ ଲେଖାଗୁଡ଼ିକର ଗୁଜୁରାଟି ଭାଷାରେ ଅନୁବାଦକୁ ଛପାଯାଇ ମହାତ୍ମା ଗାନ୍ଧିଙ୍କ ପାଖକୁ ମୁଖବନ୍ଧ ଲେଖିବା ପାଇଁ ପଠାଯାଇଥିଲା । ମାତ୍ର ଯଥାବିଧି ପ୍ରୁଫ୍-ସଂଶୋଧନ ହୋଇନଥିବାରୁ ତହିଁରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ଏହା ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା ଏବଂ ସେ ତ୍ରୁଟିପୂର୍ଣ୍ଣ ଛପା ଫର୍ମଗୁଡ଼ିକୁ ଜାଳିଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ଶ୍ରୀ ମହାନ୍ତ କହିଥିଲେ ଯେ, ସମାଜ ଆଗରେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ଉପସ୍ଥାପନ କରିବା ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରାଯାଇଥାଏ । ମାତ୍ର ଆମ ଦେଶରେ ପ୍ରୁଫ୍-ସଂଶୋଧନକୁ ଗୌଣ ବିବେଚନା କରାଯାଉଥିବାରୁ ଭାରତୀୟ ଭାଷାସମୂହରେ ଲିଖିତ ପୁସ୍ତକ ଆଦିରେ ବର୍ଣ୍ଣାଶୁଦ୍ଧି ଭରିଯାଉଛି । ପ୍ରୁଫ୍-ସଂଶୋଧନ ଉପରେ ଗୁରୁତ୍ୱ ଦେଲେ ଲେଖାରେ ଶୁଦ୍ଧତା ଆସିବ ଏବଂ ଆମର ଭାଷା ସଂକଟରୁ ମୁକ୍ତ ହୋଇପାରିବ । ତେଣୁ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ପ୍ରତିବର୍ଷ ଡିସେମ୍ବର ମାସ ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ଭାବେ ପାଳନ କରିବା ଲାଗି ଲେଖକ, ପ୍ରକାଶକ, ସାମ୍ବାଦିକ, ପୁସ୍ତକପ୍ରେମୀମାନଙ୍କୁ ନିବେଦନ କରାଯାଇଛି ।

୬ ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର ୩୦।୧୦(ମହାଭାରତ): ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ଛଅ ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ସେପ୍ଟେମ୍ବର ୨୦୨୬ ରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ। ଏହା ଫଳରେ ସମ୍ଭାବ୍ୟ ଅପ୍ରୀତିକର ଘଟଣାଗୁଡ଼ିକୁ ଏଡ଼ାଯାଇ ପାରିବା ସହ ନିରାପଦ ଓ ସୁଗମ ରେଳ ପରିଚାଳନାରେ ସତର୍କତାର ଗୁରୁତ୍ୱ ପୁନର୍ବାର ପ୍ରତିପାଦିତ ହୋଇଛି।

ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ:୧. ଶ୍ରୀମତୀ ବନ୍ଦିତା ସାହୁ, ପଏଣ୍ଟସମ୍ୟାନ୍-ଏ, ମାନେଶ୍ୱର ଷ୍ଟେସନ୍, ସମ୍ବଲପୁର ମଣ୍ଡଳ।୨. ଶ୍ରୀ ଅଭିଜିତ ଦାସ, ଟ୍ରାକ୍ ମେଣ୍ଟେନର୍-୪, ଝଝର/ଚ.ଡବଛ/ କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୩. ଶ୍ରୀ କୁସମାଲ ହାନ୍ତାଳ, ଟ୍ରାକ୍ ମେଣ୍ଟେନର୍-୧, SSE/P.Way/ କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ।୪. ଶ୍ରୀ ପେଦଲାପୁ ନୁକା ରାଜୁ, ଟ୍ରାକ୍ ମେଣ୍ଟେନର୍-୪, SSE/P.Way/

କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୫ ଶ୍ରୀ ଆଶିଷ କୁମାର ସରକାର, ଟ୍ରାକ୍ ମେଣ୍ଟେନର୍-୪, SSE/P.Way/ କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ। ୬. ଶ୍ରୀ ଗୋପୀନାଥ ମୁଦୁଲି, ଟ୍ରାକ୍ ମେଣ୍ଟେନର୍-୩, SSE/P.Way/ ଜୟପୁରଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ।ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ପ୍ରଶଂସନୀୟ ସତର୍କତା ପ୍ରଦର୍ଶନ କରି ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ତୁରନ୍ତ ସମ୍ପୃକ୍ତ ରେଳ ଅଧିକାରୀମାନଙ୍କ ଦୃଷ୍ଟିକୁ ଆଣିଥିଲେ। ସେମାନଙ୍କ ଦ୍ୱାରା ଚିହ୍ନଟ ସମସ୍ୟାଗୁଡ଼ିକ ମଧ୍ୟରେ ଟ୍ରେନ୍ ?ର କୋଚ୍ ? ସମ୍ବନ୍ଧୀୟ ଅସ୍ୱାଭାବିକ ସ୍ଥିତି, ସମ୍ଭାବ୍ୟ ଭୂସ୍ଖଳନ, ରେଳ ଧାରଣାରେ ତ୍ରୁଟି (ଉସଖ୍ଖଙ୍କସ୍ୱଭରୟ ଖ୍ୱବମଳ ବକ୍ଷସଶଭଙ୍କରଭଖ୍) ଏବଂ ରେଳଧାରଣାରେ ପ୍ରାରମ୍ଭିକ ସ୍ତରରେ ରେଳ ବଙ୍କା ହେବାର ଲକ୍ଷଣ (ଜବସକ୍ଷ ଭଙ୍କମଳକ୍ଷସଭଶ) ଆଦି ଅନ୍ତର୍ଭୁକ୍ତ ଥିଲା। ସେମାନଙ୍କର ସମୟୋଚିତ ସୂଚନା ଫଳରେ ରେଳ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ହସ୍ତକ୍ଷେପ କରିବା ସହ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ। ଏହାଦ୍ୱାରା ଟ୍ରେନ୍ ଚଳାଚଳ ପ୍ରତି ସମ୍ଭାବ୍ୟ ବିପଦକୁ ଏଡ଼ାଇବା ସମ୍ଭବ ହୋଇପାରିଥିଲା।ଏହି ଘଟଣାଗୁଡ଼ିକ ରେଳ ନିରାପତ୍ତା ବଜାୟ ରଖିବାରେ କର୍ମଚାରୀଙ୍କ ସତର୍କତା, ପ୍ରଭାବଶାଳୀ ଯୋଗାଯୋଗ ଓ ସମୟୋଚିତ ସୂଚନା ପ୍ରଦାନର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ବିଶେଷକରି କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀମାନେ ଅସ୍ୱାଭାବିକ ସ୍ଥିତିକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରିବା ଏବଂ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇବା ଦ୍ୱାରା ଦୁର୍ଘଟଣା ରୋକିବା ଓ ଟ୍ରେନ୍ ?ର ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି।କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ନିଷ୍ଠାପର କାର୍ଯ୍ୟ ପ୍ରତି ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ସମାନ ସତର୍କତା, ଆନ୍ତରିକତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମୁଖ୍ୟ ସୂଚନା କମିଶନର

ଭୁବନେଶ୍ୱର, ୩୦।୧୦(ମହାଭାରତ): ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ଶ୍ରୀ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶା ସୂଚନା ଆୟୋଗର ଏକ ପ୍ରତିନିଧି ଦଳ ସୋମବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଅନ୍ୟ ରାଜ୍ୟ ସୂଚନା କମିଶନର ଶ୍ରୀ ଜଗନ୍ନାଥ ରଥ, ଶ୍ରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ଶ୍ରୀ ପବିତ୍ର ମଣ୍ଡଳ ଏବଂ ଶ୍ରୀମତୀ କଳ୍ପନା ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।ଏହି ଅବସରରେ ମାନ୍ୟବର ରାଜ୍ୟପାଳଙ୍କୁ ଆୟୋଗର ଉପଲବ୍ଧି ବାବଦରେ ଅବଗତ କରାଯାଇଥିଲା । ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୮ ମାସ ମଧ୍ୟରେ ବିଚାରାଧୀନ ମାମଲା ସଂଖ୍ୟା ୨୨,୦୦୦ ରୁ ୫,୫୦୦ କୁ ହ୍ରାସ କରାଯାଇପାରିଛି। ଆୟୋଗ ଦେଶର ସର୍ବୋତମ କାର୍ଯ୍ୟପଦ୍ଧତି ଅନୁସରଣ କରି ଶୁଣାଣି ଦିନ ହିଁ ସଂକ୍ଷିପ୍ତ ଆଦେଶନାମା ଜାରି କରିବାର ବ୍ୟବସ୍ଥା ଗ୍ରହଣ କରିଛି। ଏହା ବ୍ୟତୀତ, ଆବେଦନକାରୀଙ୍କ ସୁବିଧା ପାଇଁ ସମସ୍ତ ଶୁଣାଣି ଓଡ଼ିଆ ଭାଷାରେ କରାଯାଇଛି ବୋଲି କମିଶନର ଶ୍ରୀ ପରିଡ଼ା କହିଛନ୍ତି ।

ଯୋଜନା ଓ ସଂଯୋଜନ ବିଭାଗରେ ସାଧୁତାର ଶପଥ ପାଠ 'ସାଧୁତାରୁ ସମୃଦ୍ଧି'

ଭୁବନେଶ୍ୱର,୩୦।୧୦(ମହାଭାରତ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗରେ ସାଧୁତାର ଶପଥ ପାଠ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପରିସରରେ ସମବେତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରସଙ୍ଗ ରହିଛି 'ସାଧୁତାରୁ ସମୃଦ୍ଧି' ।ଏହି ମର୍ମରେ ଅଧିକାରୀ ଓ କର୍ମଚାରୀମାନେସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନ ନେବା ଏବଂ ନ ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା ଏବଂ ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବାକୁ ଶପଥ ନେଇଥିଲେ।

ଡିଜିଟାଲ୍ ଭିତ୍ତିଭୂମି

ଜଟଣୀ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଧୁନିକ ତଥ୍ୟ କେନ୍ଦ୍ରର ଉଦ୍‌ଘାଟଟ ହୋଇଛି। ଓଡ଼ିଶାକୁ ଡିଜିଟାଲ୍ ଭିତ୍ତିଭୂମିର ନୂତନ ମାନଚିତ୍ରରେ ଆହୁରି ଗୁରୁତ୍ୱ ଦେବାର ସମ୍ଭାବନା ସୃଷ୍ଟି କରୁଛି। ଏହି ପ୍ରତିଷ୍ଠାନ ଆର୍ଥିକ ତଥ୍ୟର ସୁରକ୍ଷା, ଦେୟ ବ୍ୟବସ୍ଥାର ନିରନ୍ତରତା, ବିପର୍ଯ୍ୟୟ ପରବର୍ତ୍ତୀ ତଥ୍ୟ ପୁନରୁଦ୍ଧାର ଓ ସାଇବର ସୁରକ୍ଷା କ୍ଷେତ୍ରରେ ଉପଯୋଗୀ ହେବାର ଆଶା ରହିଛି। କିନ୍ତୁ ଏହି ଗସ୍ତର ମହତ୍ତ୍ୱକୁ କେବଳ ଗୋଟିଏ ପ୍ରତିଷ୍ଠାନର ଉଦ୍‌ଘାଟନ ମଧ୍ୟରେ ସୀମିତ ରଖିବା ଠିକ୍ ହେବ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ଶିଳ୍ପ, ରେଳପଥ, ସେମିକଣ୍ଡକ୍ଟର, ଡିଜିଟାଲ୍ ପ୍ରଯୁକ୍ତି ଓ ନିବେଶକୁ ନେଇ ଯେଉଁ ନୂତନ ଆଲୋଚନା ଆଗକୁ ବଢ଼ିଛି, ତାହାକୁ ଏକ ବ୍ୟାପକ ଜାତୀୟ ବିକାଶ ଦୃଷ୍ଟିକୋଣରେ ବୁଝିବା ଆବଶ୍ୟକ। ଓଡ଼ିଶା ଆଉ କେବଳ ଖଣିଜ ସମ୍ପଦ ଓ ଇସ୍ପାତ ଶିଳ୍ପ ପାଇଁ ପରିଚିତ ରାଜ୍ୟ ହୋଇ ରହିବାକୁ ଚାହୁଁନାହିଁ; ଏହା ପ୍ରଯୁକ୍ତି, ଜ୍ଞାନ, ନବସୃଜନ ଓ ଉଚ୍ଚଦକ୍ଷତାଭିତ୍ତିକ ନିଯୁକ୍ତିର କେନ୍ଦ୍ର ହେବାକୁ ମଧ୍ୟ ଆକାଂକ୍ଷା ରଖିଛି। ଏହି ପରିବର୍ତ୍ତନରେ କେନ୍ଦ୍ର ସରକାରଙ୍କ ନୀତି, ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ଘରୋଇ ନିବେଶକଙ୍କ ଆଗ୍ରହ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଚିନ୍ତାଧାରାର ମୂଳ ଲକ୍ଷ୍ୟ ହେଉଛି ପୂର୍ବ ଭାରତର ଆର୍ଥିକ ସାମର୍ଥ୍ୟକୁ ଜାତୀୟ ବିକାଶର ମୁଖ୍ୟଧାରାରେ ଆହୁରି ଶକ୍ତିଶାଳୀ କରିବା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି, ଦୀର୍ଘ ସମୁଦ୍ରତଟ, ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର, ଖଣିଜ ସମ୍ପଦ, ଶକ୍ତି ଉତ୍ପାଦନ କ୍ଷମତା ଓ ଦକ୍ଷ ମାନବସମ୍ବଳ ଏହାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ରରେ ପରିଣତ କରିବାର ଭିତ୍ତି ଯୋଗାଉଛି। ଭାରତର ପୂର୍ବାଭିମୁଖୀ ନୀତି ସହିତ ଓଡ଼ିଶାର ସାମର୍ଥ୍ୟକୁ ଯୋଡ଼ିବା ଦ୍ୱାରା ଦକ୍ଷିଣ-ପୂର୍ବ ଏସିଆ ସହିତ ବାଣିଜ୍ୟ, ସାମୁଦ୍ରିକ ସଂଯୋଗ, ରପ୍ତାନି ଓ ଶିଳ୍ପ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହୋଇପାରେ। ଏହି ନୀତିର ସଫଳତା କେବଳ ଘୋଷଣାରେ ନୁହେଁ, ବରଂ ବନ୍ଦରରୁ ଶିଳ୍ପାଞ୍ଚଳକୁ ଦ୍ରୁତ ପରିବହନ, ରେଳ ଓ ସଡ଼କ ସଂଯୋଗର ଉନ୍ନତି, ରପ୍ତାନି ଖର୍ଚ୍ଚ ହ୍ରାସ ଏବଂ ସ୍ଥାନୀୟ ଉଦ୍‌ଯୋଗୀଙ୍କୁ ଆନ୍ତର୍ଜାତୀୟ ବଜାର ସହିତ ଯୋଡ଼ିବା ଉପରେ ନିର୍ଭର କରିବ। ଓଡ଼ିଶା ପାଇଁ ଏବେ ସବୁଠାରୁ ବଡ଼ ସୁଯୋଗ ହେଉଛି ପ୍ରାକୃତିକ ସମ୍ପଦକୁ ଉଚ୍ଚମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରିବା। କେବଳ ଖଣିଜ ଉତ୍ତୋଳନ ନୁହେଁ, ଏହାର ଆଧାରରେ ଉନ୍ନତ ଉତ୍ପାଦନ, ଗବେଷଣା, ପ୍ରଯୁକ୍ତି ଓ ନୂତନ ଶିଳ୍ପ ଗଢ଼ିଉଠିଲେ ରାଜ୍ୟର ଅର୍ଥନୀତି ଅଧିକ ସ୍ଥାୟୀ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ଉଦୀୟମାନ ପଦକ୍ଷେପ ଏହି ଦିଗରେ ଏକ ଆଶାଜନକ ସଙ୍କେତ। ନାରାଜ ଅଞ୍ଚଳରେ ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି ଓ ଭୁବନେଶ୍ୱରର ଇନଫୋ ଭ୍ୟାଲି ଅଞ୍ଚଳରେ ଉନ୍ନତ ଚିପ୍ ପ୍ୟାକେଜିଂ ପ୍ରକଳ୍ପ ଭଳି ପଦକ୍ଷେପ ରାଜ୍ୟକୁ ଭବିଷ୍ୟତର ପ୍ରଯୁକ୍ତି ଶିଳ୍ପ ସହିତ ଯୋଡ଼ିବାର ଆଶା ଦେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ପ୍ରସ୍ତାବ, ଦକ୍ଷତା ବିକାଶ ଓ ଗବେଷଣାରେ ଆଗ୍ରହ ବଢ଼ିବା ଓଡ଼ିଶାର ଶିଳ୍ପ ପରିଚୟକୁ ବିବିଧ କରିପାରେ। ଏହାର ଲାଭ କେବଳ ବଡ଼ କମ୍ପାନୀ କିମ୍ବା ନିବେଶକଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଇଞ୍ଜିନିୟରିଂ ଛାତ୍ରଛାତ୍ରୀ, ବୈଷୟିକ ଶିକ୍ଷାର୍ଥୀ, ଔଦ୍‌ଯୋଗିକ ପ୍ରଶିକ୍ଷଣ ନେଉଥିବା ଯୁବକଯୁବତୀ ଓ ସ୍ଥାନୀୟ କ୍ଷୁଦ୍ର ଉଦ୍‌ଯୋଗଗୁଡ଼ିକ ଏହି ପରିବର୍ତ୍ତନର ସହଭାଗୀ ହେବା ଆବଶ୍ୟକ। ନୂତନ ପ୍ରଯୁକ୍ତି ପ୍ରତିଷ୍ଠାନ ଯଦି ଓଡ଼ିଶାର ଯୁବକଙ୍କୁ ଉଚ୍ଚଦକ୍ଷତା ଓ ଉଚ୍ଚ ଆୟର ନିଯୁକ୍ତି ଦେଇପାରେ, ତେବେ ରାଜ୍ୟରୁ ବାହାରକୁ ଜୀବିକା ଅନ୍ୱେଷଣରେ ଯାଉଥିବା ଅନେକ ଯୁବକଙ୍କ ପାଇଁ ନିଜ ମାଟିରେ ଭବିଷ୍ୟତ ଗଢ଼ିବାର ରାସ୍ତା ଖୋଲିପାରିବ। ଏହା ସହିତ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ପ୍ରାୟୋଗିକ ପ୍ରଶିକ୍ଷଣ, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆସନ୍ତାକାଲିର ଗସ୍ତରେ ଉଦ୍‌ଘାଟିତ ହେବାକୁ ଥିବା ତଥ୍ୟ କେନ୍ଦ୍ର ମଧ୍ୟ ଓଡ଼ିଶାର ଏହି ଡିଜିଟାଲ୍ ଆକାଂକ୍ଷାକୁ ଏକ ପ୍ରତୀକାତ୍ମକ ଶକ୍ତି ଦେଉଛି। ତଥ୍ୟ ଆଜିର ଅର୍ଥନୀତିର ଏକ ମୂଲ୍ୟବାନ ସମ୍ପଦ। ବ୍ୟାଙ୍କିଂ, ଡିଜିଟାଲ୍ ଦେୟ, ସରକାରୀ ସେବା, ବ୍ୟବସାୟ ଓ ନାଗରିକଙ୍କ ଆର୍ଥିକ ସୁରକ୍ଷା ପାଇଁ ନିରାପଦ ତଥ୍ୟ ପରିଚାଳନା ଅତ୍ୟାବଶ୍ୟକ। ଏହି ପ୍ରତିଷ୍ଠାନର ସ୍ଥାପନା ଓଡ଼ିଶାରେ ଡିଜିଟାଲ୍ ଭିତ୍ତିଭୂମି, ବୈଷୟିକ ସେବା ଓ ସାଇବର ସୁରକ୍ଷା ସମ୍ପର୍କିତ ଦକ୍ଷତା ବିକାଶର ସୁଯୋଗକୁ ଆଗକୁ ନେଇପାରେ। ତଥାପି, ଏହାର ସ୍ଥାନୀୟ ନିଯୁକ୍ତି ଓ ଅନ୍ୟ ଶିଳ୍ପରେ ପ୍ରଭାବ କେତେ ହେବ, ତାହା କାର୍ଯ୍ୟକାରିତା ଓ ଭବିଷ୍ୟତର ନିବେଶ ଉପରେ ନିର୍ଭର କରିବ। ଏଠାରେ ଆଉ ଏକ ପ୍ରଶ୍ନ ଅତ୍ୟନ୍ତ ଜରୁରୀ—ବିକାଶର ଲାଭ ଓଡ଼ିଶାର ସମସ୍ତ ଅଞ୍ଚଳକୁ କିପରି ପହଞ୍ଚିବ ଭୁବନେଶ୍ୱର ଓ କଟକରେ ନୂଆ ପ୍ରତିଷ୍ଠାନ ଗଢ଼ିଉଠିବା ଉତ୍ସାହଜନକ, କିନ୍ତୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉପକୂଳ ଅଞ୍ଚଳ ଓ ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଜୀବିକାର ସୁଯୋଗ ବଢ଼ିବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ ସାମର୍ଥ୍ୟ ଅଛି। କେଉଁଠି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, କେଉଁଠି ଖଣିଜ ଓ ଧାତୁ ଶିଳ୍ପ, କେଉଁଠି ପର୍ଯ୍ୟଟନ, ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ କିମ୍ବା ମତ୍ସ୍ୟଚାଷର ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାଗୁଡ଼ିକୁ ଉପଯୁକ୍ତ ପୁଞ୍ଜି, ବଜାର, ପରିବହନ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ସହିତ ଯୋଡ଼ିଲେ ବିକାଶର ଧାରା ଅଧିକ ସମାବେଶୀ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏହି ଲକ୍ଷ୍ୟ ପୂରଣରେ ମୁଖ୍ୟ ଭୂମିକା ନେଇପାରେ। ଏହି ସହଯୋଗର ମୂଲ୍ୟ ରାଜନୈତିକ ନାରାରେ ନୁହେଁ, ବରଂ ପ୍ରକଳ୍ପର ସମୟୋଚିତ ସମାପ୍ତି, ସ୍ୱଚ୍ଛ ପ୍ରଶାସନ, ନିଯୁକ୍ତି ସୃଷ୍ଟି, ସେବାର ଗୁଣବତ୍ତା ଓ ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନରେ ମାପିବା ଉଚିତ। ଓଡ଼ିଶାର ଜନସାଧାରଣଙ୍କ ଆଶା ମଧ୍ୟ ଏହିପରି ବାସ୍ତବ ଫଳାଫଳକୁ ନେଇ। ଏକ ପ୍ରକଳ୍ପ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଗର୍ବର ବିଷୟ, କିନ୍ତୁ ତାହାର ସଫଳତା ନିର୍ଣ୍ଣୟ ହେବ ଯେତେବେଳେ ଏହା ନିରନ୍ତର ଓ ଦକ୍ଷତାର ସହିତ କାର୍ଯ୍ୟ କରିବ, ଦେଶର ଆର୍ଥିକ ସୁରକ୍ଷାକୁ ଶକ୍ତିଶାଳୀ କରିବ ଏବଂ ଓଡ଼ିଶାରେ ନୂଆ ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏହି ବିକାଶ ଆକାଂକ୍ଷାକୁ ଆଉ ଥରେ ଆଲୋଚନାର କେନ୍ଦ୍ରକୁ ଆଣିଛି। ଏହା ରାଜ୍ୟ ପାଇଁ ଏକ ସକାରାତ୍ମକ ସୁଯୋଗ, ଯାହାକୁ ଦୀର୍ଘମିଆଦୀ ଯୋଜନା, ଦୃଢ଼ କାର୍ଯ୍ୟକାରିତା ଓ ଜନସହଭାଗିତା ମାଧ୍ୟମରେ ସାର୍ଥକ କରିବାକୁ ହେବ। ଓଡ଼ିଶାର ଉନ୍ନତି କେବଳ ଗୋଟିଏ ସରକାରର ସଫଳତା କିମ୍ବା ଗୋଟିଏ ଦଳର ରାଜନୈତିକ ପରିଚୟରେ ସୀମିତ ନୁହେଁ; ଏହା ଚାଷୀ, ଶ୍ରମିକ, ଉଦ୍‌ଯୋଗୀ, ଶିକ୍ଷକ, ବୈଜ୍ଞାନିକ, ଯୁବପିଢ଼ି ଓ ସାଧାରଣ ନାଗରିକଙ୍କ ସାମୂହିକ ପ୍ରୟାସର ଫଳ ହେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଆଗମନ ଓ ନୂତନ ପ୍ରତିଷ୍ଠାନର ଉଦ୍‌ଘାଟନକୁ ଏକ ନୂଆ ସଂକଳ୍ପର ଅବସର ଭାବେ ଗ୍ରହଣ କରିବା ଆବଶ୍ୟକ—ଓଡ଼ିଶାର ସମ୍ପଦର ମୂଲ୍ୟ ଓଡ଼ିଶାର ଲୋକଙ୍କ ଜୀବନରେ ପ୍ରତିଫଳିତ ହେଉ, ରାଜ୍ୟର ଯୁବକଯୁବତୀ ନିଜ ମାଟିରେ ନିଯୁକ୍ତି ଓ ଉଦ୍ୟମର ସୁଯୋଗ ପାଆନ୍ତୁ, ଶିଳ୍ପ ବିକାଶ ସହିତ ପରିବେଶ ସୁରକ୍ଷା ନିଶ୍ଚିତ ହେଉ ଏବଂ ପୂର୍ବ ଭାରତର ବିକାଶରେ ଓଡ଼ିଶା ନିଜର ଐତିହାସିକ ଭୂମିକା ନିର୍ବାହ କରୁ। ଆଜି ଓଡ଼ିଶା ସମ୍ମୁଖରେ ଥିବା ପ୍ରଶ୍ନ କେବଳ କେତେ ପ୍ରକଳ୍ପ ଆସିଲା ତାହା ନୁହେଁ; ପ୍ରଶ୍ନ ହେଉଛି ସେହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଆର୍ଥିକ ଭବିଷ୍ୟତକୁ କେତେ ଶକ୍ତିଶାଳୀ କରିବ। ଆସନ୍ତାକାଲିର ଉଦ୍‌ଘାଟନ ଏହି ବଡ଼ ଲକ୍ଷ୍ୟ ଦିଗରେ ଏକ ସାର୍ଥକ ପଦକ୍ଷେପ ହେଉ ଓଡ଼ିଶା ଖଣିଜ ସମ୍ପଦରୁ ଜ୍ଞାନସମ୍ପଦକୁ, ପାରମ୍ପରିକ ଶିଳ୍ପରୁ ଉନ୍ନତ ପ୍ରଯୁକ୍ତିକୁ, ସମ୍ଭାବନାରୁ ସଫଳତାକୁ ଏବଂ ଆଞ୍ଚଳିକ ପରିଚୟରୁ ଜାତୀୟ ବିକାଶର ଅଗ୍ରଣୀ ଶକ୍ତିକୁ ଅଗ୍ରସର ହେଉ। ଏହା ହିଁ ଓଡ଼ିଶା ପାଇଁ ପୂର୍ବୋଦୟର ପ୍ରକୃତ ଅର୍ଥ, ଏହା ହିଁ ପୂର୍ବାଭିମୁଖୀ ନୀତିର ସାର୍ଥକତା ଏବଂ ଏହା ହିଁ ଆଗାମୀ ପିଢ଼ି ପାଇଁ ଏକ ସମୃଦ୍ଧ, ସକ୍ଷମ ଓ ଆତ୍ମବିଶ୍ୱାସୀ ଓଡ଼ିଶା ଗଢ଼ିବାର ମାର୍ଗ। ।

ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର

ଯୁଧିଷ୍ଠିର ମହାରଣା

ସୁନା, ୟୁରାନିୟମ, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତା ଏଆଇ ଯୁଗରେ ତଥ୍ୟ ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ତଥ୍ୟକୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି ?

ଏଭଳି ଏକ କୌତୂହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତ କାଠଗଡ଼ା ଭିତରକୁ ଆସିଛି। ଗୁଜୁରାଟର ଗାନ୍ଧୀନଗର ଦୌରା ଜଜଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ଼ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ ଓ ଆଇକ୍ଲାଉଡକୁ ଖୋଲିବା ପାଇଁ ପରିବାର ଲୋକକେ ଆଇଫୋନ ନିର୍ମାତା ଆପଲ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସୱାର୍ଡ଼ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ ସକସେସନ ଆକ୍ଟ-୧୯୨୫ ଆଧାରରେ ଫୋନରେ ଥିବା ତଥ୍ୟ ପାଇବାକୁ ହକଦାର ବୋଲି ଦାବି କଲେ। ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ ଜେନେରାଲ କ୍ଲଜ ଆକ୍ଟ ଡିଜିଟାଲ ତଥ୍ୟ ମଧ୍ୟ ସହଜ ବା ଅବସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନସନ ଅଫ ମନି ଲଣ୍ଡିରଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନଏଫଟିକୁ ଡିଜିଟାଲ ଆସେଟ ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷ ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କରେ ସନ୍ତୁଳନ ବିଗିଡ଼ି ଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରୋଣତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ ବାଧ୍ୟ ହୋଇଛି। ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ (ଫେଡେରାଲ କୋର୍ଟ ଅଫ ଜଷ୍ଟିସ୍ ଅଫ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ପନ୍ଦର ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସବୁକ ଆକାଉଣ୍ଟର ପାସୱାର୍ଡ଼ ଦେବାକୁ ଫେସବୁକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସବୁକ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ ଜେନେରାଲ ଡାଟା ପ୍ରୋଟେକସନ ରେଗୁଲେସନ ଅନୁଯାୟୀ ତୃତୀୟପକ୍ଷଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି କିନ୍ତୁ ପରିବାର ଲୋକେ ତୃତୀୟ ପକ୍ଷ ନୁହଁନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ। କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକଦାର। ଏହାପରେ ଫେସବୁକ ମୃତକଙ୍କ ପାସୱାର୍ଡ଼ ତାଙ୍କ ପିତାମାତାଙ୍କୁ ଦେଇଥିଲା।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୩ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସୱାର୍ଡ଼ ଆଦିକୁ ଡିକୋଡ କରିବାରେ ନୋମିନଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କଣ କରାଯିବ ସେ ବିଷୟରେ ଆଇନ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତର ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଇଣ୍ଟରନେଟର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ ଡକ୍ୟୁମେଣ୍ଟର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

ଜଗତ ମାତା ଚ ପ୍ରକୃତିଃ... ଗରିୟସୀ ଜଗତାଂ ମାତା

ଲକ୍ଷ୍ମୀ ନାରାୟଣ ମଲ୍ଲିକ

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- ‘ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।’ ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା’ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ମା’ ସବୁବେଳେ ବିଶ୍ୱାସର ବାଇଶି ପାହାଚ ଯେ ଅସମର୍ଥ ପାଦକୁ ଚାଲିବାର କଳା ଓ କୌଶଳ ଶିଖାଇଥାଏ। ମା’ହେଉଛି ବିଶ୍ୱାସର କଳ୍ପବଟ ଯାହା କୋଳରେ ମଥର ଥାପି ଦେଲେ ସବୁ ଦୁଃଖକଷ୍ଟ ନିମିଷକେ ଉଭେଇଯାଏ। ମା’ପୁଣି ବିଶ୍ୱାସର ଗରୁଡ଼ ସ୍ତମ୍ଭ ଯାହାକୁ ଜାବୁଡ଼ି ଧରିଲେ ଜୀବନରେ ସବୁକିଛି ପ୍ରାପ୍ତିର ସନ୍ତୋଷ ମିଳିଯାଏ। ମା’ବିଶ୍ୱାସର ପତିତପାବନ ବାନା ଯେ ଆଶା ଓ ସାହାସର, ଧୈର୍ଯ୍ୟ ଓ ପ୍ରେରଣାର ଅଫୁରନ୍ତ ସ୍ରୋତ। କୌଣସି ସାମାଜିକ ପଦପଦବୀରେ ଆସୀନ ନ ହୋଇଥିଲେ ମଧ୍ୟ ନିଜର ଅସୀମ ଧୈର୍ଯ୍ୟ ଓ ପ୍ରଗାଢ଼ ଭଗବତ ବିଶ୍ୱାସକୁ ପାଥେୟ କରି, ସ୍ୱାମୀ ଆଦିକନ୍ଦ ମଲ୍ଲିକ ଯେ କି ଓଡ଼ିଶାର ବରିଷ୍ଠ ଅର୍ଥସେବା ପ୍ରଶାସନିକ ଅଧିକାରୀ ଥିଲେ, ତାଙ୍କ ଦେହାନ୍ତ ପରେ ଜୀବନର ଶେଷ ପଇଁତିରିଶ ବର୍ଷ ଏକାକୀ ନିଜର ଚାରିପୁତ୍ର ଓ ତିନି କନ୍ୟାସନ୍ତାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ଏକ ଆଦର୍ଶ ମା’ର ଭୂମିକା ତୁଲାଇ ପାରିଛନ୍ତି ତଥା ବହୁ ଅମୂଲ୍ୟ ସାମାଜିକ ଓ ପାରିବାରିକ ଆଦର୍ଶବୋଧର ଉଦାହରଣ ପାଲଟିଛନ୍ତି। ବାହ୍ୟ ଆଡ଼ମ୍ବରଶୂନ୍ୟ, ଚାକଚକ୍ୟ ବିହୀନ ଜୀବନଯାପନ କରି ସଂପୂର୍ଣ୍ଣ ସାଧାରଣ ମହିଳାଟିଏ ଭଳି ପ୍ରତୀତ ହେଉଥିବା ଏହି ମଣିଷଟି ମଧ୍ୟରେ ଯେ ଆତ୍ମବିଶ୍ୱାସ, ଦୃଢ଼ଇଚ୍ଛା ଶକ୍ତି, ପ୍ରଗାଢ଼ ଈଶ୍ୱରଭକ୍ତି ବଳରେ ଏକ ସଶକ୍ତ ମନ, ତୀକ୍ଷଣ ବୁଦ୍ଧି, ବିଚକ୍ଷଣ ସ୍ମରଣଶକ୍ତି ଓ ବିଶ୍ରାମହୀନ କାର୍ଯ୍ୟ କରିବାର ଅଫୁରନ୍ତ କ୍ଷମତା ରହିଛି ତାହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି ଅନୁଭବ କରିପାରିଛି। ଜୀବନର ସପ୍ତ ପ୍ରକାର ପରିସ୍ଥିତର ସମ୍ମୁଖୀନ ହୋଇ ନିଜର ପ୍ରତ୍ୟେକଟି ସନ୍ତାନଙ୍କୁ ପ୍ରତିଷ୍ଠିତ କରାଇ ପାରିବା ପଛରେ ମହାପ୍ରଭୁ ଜଗନ୍ନାଥ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ନିଜର ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଅଶେଷ କରୁଣା ରହିଛି ବୋଲି ଆଜୀବନ ବିଶ୍ୱାସ କରୁଥିଲେ ସ୍ୱର୍ଗତ ରମା ମଲ୍ଲିକ। ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଦ୍ୱନ୍ଦ ଓ ସଂଶୟରହିତ ସଂପୂର୍ଣ୍ଣ ସମର୍ପଣ ଭାବ ହିଁ ତାଙ୍କର ଜୀବନୀଶକ୍ତି ଥିଲା। ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ମଧ୍ୟରେ ନିଜର ଭଗବାନଙ୍କୁ ଦର୍ଶନ କଲାଭଳି ଟିଭି ପରଦାରେ ପତିତପାବନଙ୍କୁ ଦେଖିବା ପାଇଁ ମା’ଙ୍କ ପାଇଁ ପ୍ରଭୁଙ୍କର ଦୈନନ୍ଦିନ ପ୍ରତ୍ୟକ୍ଷ ଦର୍ଶନ ସହ ସମାନ ଥିଲା।

ଅନ୍ୟମାନଙ୍କ ପ୍ରତି ନିଜର ବ୍ୟବହାର, ଆଚାର ବିଚାରକୁ ସେ ସଂପର୍କର ସଂଜ୍ଞା ଭିତରେ କେବେ ବାନ୍ଧି ନାହାନ୍ତି। ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ, ଘର କାମରେ ସାହାଯ୍ୟ କରୁଥିବା ଲୋକ ଠାରୁ ଆରମ୍ଭ କରି ଫୁଲବାଲା, ଡ୍ରାଇଭର, ଗାର୍ଡ଼ ସମସ୍ତଙ୍କ ପାଇଁ ସେ ଅତି ଆଦରର ମାଆ ଥିଲେ ଓ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଥିଲେ। କେହି କେବେ ସଂପର୍କ ଆଳରେ ତାଙ୍କର ସ୍ନେହ ଓ କରୁଣାରୁ କାଣିଚାଏ କମ ବେଶୀର ପାର୍ଥକ୍ୟ ଅନୁଭବ କରିନାହାନ୍ତି। ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି, ଦୁଇପଦ କଥାରେ ସେ ତାଙ୍କୁ ନିଜର କରିନେଇଛନ୍ତି। ମା’ର ଆବେଗ, ସର୍ତ୍ତବିହୀନ ସ୍ନେହ, ମଧୁର ବ୍ୟବହାର, ମନଲୋଭା କଥା, ଜଗତଭୁଲା ହସ ଭିତରେ ସେ ଆପଣେଇ ନେଇଛନ୍ତି ସଭିଙ୍କୁ। ପୌରଣୀକ କାହାଣୀ ଠାରୁ ଆରମ୍ଭ କରି ବାସ୍ତବ ଉଦାହରଣ ଦେଇ ଯେ କୌଣସି ପରିସ୍ଥିତିର ଆଶା ଓ ବିଶ୍ୱାସର ସହ ସମ୍ମୁଖୀନ ହେବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଆସିଛନ୍ତି ସେ। ଜୀବନର ମୂଲ୍ୟ ବୁଝିଥିଲେ ରମା ଦେବୀ। ନିଜେ ଭଲ ଖାଇବାକୁ ଓ ଅନ୍ୟକୁ ଖୁଆଇବାକୁ, ନିଜେ ଭଲ ପିନ୍ଧିବାକୁ ଓ ଅନ୍ୟକୁ ସେହି ରୂପରେ ଦେଖିବାକୁ, ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ, ଯୁଗୋପଯୋଗୀ ସମସ୍ତ ନୂତନତା ବିଷୟରେ ଜାଣିବାକୁ ଯୁବସୁଲଭ ଆଗ୍ରହ ଥିଲା ତାଙ୍କର। ନିଜ ସମୟ ଠାରୁ ବହୁ ଆଗରେ ଥିଲେ ସେ। ସମସ୍ତ ପ୍ରକାର ଆଧ୍ୟାତ୍ମିକ ପରମ୍ପରା, ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ରକ୍ଷଣଶୀଳତା ଠାରୁ ଦୂରରେ ରହି ଏକ ଅପୂର୍ବ ସନ୍ତୁଳନ ବଜାୟ ରଖିଥିଲେ। ମୁକ୍ତ ମନରେ ସମସ୍ତ ବିଚାରକୁ ଓ ସମସ୍ତଙ୍କୁ ଆପଣେଇ ନେଉଥିଲେ। ନିଜର ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକର ଅନୁଭୂତି ଲିପିବଦ୍ଧ କରିବା ତାଙ୍କର କାହିଁ କେଉଁ କାଳରୁ ଅଭ୍ୟାସ ଥିଲା, ଯାହା ଆଜରି ଯୁବପୀଢ଼ି ‘ଜର୍ନାଲିଙ୍ଗ’ ନାମରେ ଅନୁସରଣ କରୁଛି। ତାଙ୍କର ଜୀବନାଦର୍ଶ ଶରଧାବାଲିର ରେଣୁ ହୋଇ ଆମ ଜୀବନ ବଡ଼ଦାଣ୍ଡରେ ଆଗକୁ ଚାଲିବାର ପ୍ରେରଣା ହୋଇ ରହିଥାଉ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା’ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା’ର ପ୍ରତିଦିନର କର୍ତ୍ତବ୍ୟ। ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା। ଜୟ ଜଗନ୍ନାଥ।

ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ, ସେଲ, କୋଲକତା, ଦୂରଭାଷ : ୯୪୭୭୭୦୨୨୦୨

ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ

ହାଦିଆ ପରବୀନ

ପ୍ରତିବର୍ଷ ଅକ୍ଟୋବର ୩୧ ରେ, ଆମ ଦେଶ ଭାରତ ରାଷ୍ଟ୍ରୀୟ ଏକତା ଦିବସ (Rashtriya Ekta Diwas) ପାଳନ କରିଥାଏ, ଯାହା ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ଜନ୍ମ ଦିବସ ଅଟେ। ଏହି ମହାନ ନେତାଙ୍କ ଦୂରଦୃଷ୍ଟି ଓ ଦୃଢ ସଂକଳ୍ପ ଏକୀକୃତ ଭାରତର ପାଇଁ ଭିତ୍ତି ପ୍ରଦାନ କରିଥିଲା । ‘Iron Man of India‘ (ଭାରତର ଲୌହ ପୁରୁଷ) ଭାବେ ପରିଚିତ, ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଦ୍ୱାରା ୫୬୦ରୁ ଅଧିକ ରିୟାସତ ରାଜ୍ୟ (Princely States) ଭାରତରେ ସମ୍ମିଳିତ ହେଲେ ଏବଂ ଆମଦେଶ ଏକ ସ୍ୱାଧୀନ ଓ ଏକତା ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେଲା । ତେଣୁ ରାଷ୍ଟ୍ରୀୟ ଏକତା ଦିବସ କେବଳ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ଏହା ଭାରତର ‘ବିଭିଧତାରେ ଏକତା‘ ର ସଂକଳ୍ପର ପୁନରୁଚ୍ଚାରଣ ଅଟେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାବେଳେ ଦେଶରେ ୫୬୦ରୁ ଅଧିକ ରିୟାସତ ରାଜ୍ୟ ଥିଲେ ଓ ପ୍ରତ୍ୟେକର ନିଜସ୍ୱ ଶାସନ ବ୍ୟବସ୍ଥା ଥିଲା । ସର୍ଦ୍ଦାର ପଟେଲ ସେହି ସମସ୍ତ ରାଜ୍ୟ ଗୁଡ଼ିକୁ ଭାରତୀୟ ସଂଘରେ ଏକତାବଦ୍ଧ କରିବାର ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ହାତକୁ ନେଇଥିଲେ । ନିଭୀକ ନେତୃତ୍ୱ ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି କାର୍ଯ୍ୟରେ ସଫଳ ହୋଇ ଥିଲେ ଓ ସେ ହାଇଦ୍ରାବାଦ, ଜୁନାଗଡ଼ ଓ ଜମ୍ମୁ-କାଶ୍ମୀର ପରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଭାରତରେ ଏକତ୍ରିତ କରି ଭାରତର ଭୂଭାଗୀୟ ଅଖଣ୍ଡତା ସୁନିଶ୍ଚିତ କରିଥିଲେ ଓ ସେ କହିଥିଲେ – ‘Manpower without unity is not a strength unless it is harmonized and united properly, then it becomes a spiritual power.‘ ଅର୍ଥାତ୍ ଏକତା ବିନା ମାନବ ଶକ୍ତି କୌଣସି ଶକ୍ତି ନୁହେଁ; ଏକତା ହେଲେ ତାହା ଆଧାତ୍ମିକ ଶକ୍ତିରେ ପରିଣତ ହୁଏ ।

ଉଜ୍ଜୀବିତ ରଖିବା ପାଇଁ ସର୍ଦ୍ଦାର ପଟେଲଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଆରମ୍ଭସର୍ଦ୍ଦାର ପଟେଲଙ୍କ ଅବଦାନ ଓ ସ୍ମୃତିକୁ ଜନ୍ମଦିନରେ ୨୦୧୪ ମସିହାରୁ ଭାରତ ସରକାରଙ୍କ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ପଟେଲଙ୍କ “ଏକ ଭାରତ, ଶ୍ରେଷ୍ଠ ଭାରତ (Ek Bharat, Shreshtha Bharat)‘ ଦୃଷ୍ଟିକୋଣକୁ ସ୍ମରଣ କରି ତାହାର ପାଳନ କରିବା । ଏହି ଦିନ, ସମଗ୍ର ଦେଶରେ ‘Run for Unity‘, ସାଂସ୍କୃତିକ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ପ୍ରତିଜ୍ଞା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମୁଖ୍ୟ ଆୟୋଜନ ଗୁଡିକ ଗୁଜରାଟ ସ୍ଥିତ ୧୮୨ ମିଟର ଉଚ୍ଚ ଓ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ନିର୍ମିତ Statue of Unity (ଏକତା ମୂର୍ତ୍ତି) ଠାରେ ଅନୁଷ୍ଠିତ ହୁଏ । ଏହା ଭାରତର ଶକ୍ତି, ସାହସ ଓ ଏକୀକୃତ ଆତ୍ମାର ପ୍ରତୀକ ଓ

ସର୍ଦ୍ଦାର ପଟେଲଙ୍କ ରାଜନୈତିକ ବୁଦ୍ଧିମତା ଓ ଦୂରଦୃଷ୍ଟି ଆଜି ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ସେ କହିଥିଲେ – "Take to the path of Dharma-the path of truth and justice for that is the correct path for all.‘ ଅର୍ଥାତ୍ ‘ସତ୍ୟ ଓ ନ୍ୟାୟର ପଥକୁ ଅନୁସରଣ କର, କାରଣ ସେହିପଥ ସମସ୍ତଙ୍କ ପାଇଁ ଉଚିତ ପଥ।‘ ରାଷ୍ଟ୍ରୀୟ ଏକତା ଦିବସ ଆମକୁ ସାମ୍ପ୍ରଦାୟିକ ସହିଷ୍ଣୁତା, ସାମାଜିକ ସମ୍ମାନ ଓ ଏକତା ଭଳି ମୂଲ୍ୟବୋଧ ଗୁଡ଼ିକୁ ସ୍ମରଣ କରାଇଥାଏ।

ବର୍ତ୍ତମାନ ଆମଦେଶ ଭାରତ ଯେପରି ଆଞ୍ଚଳିକ ବୈଷମ, ସାମାଜିକ ଭେଦଭାବ ଓ ବିଚାରଧାରାର ଦ୍ୱନ୍ଦ୍ୱର ଭଳି ଆହ୍ୱାନ ଗୁଡିକର ସାମ୍ନା କରୁଛି ତାହାପାଇଁ ରାଷ୍ଟ୍ରୀୟ ଏକତା ଦିବସର ଆବଶ୍ୟକତା ଅଧିକ ହୋଇପଡ଼ିଛି।ପ୍ରତିବର୍ଷ ପାଳନ ହେଉଥିବା ଏହି ଉତ୍ସବ ଏକ ଜାଗରଣ ସନ୍ଦେଶ ଦେଇଥାଏ ତାହା ହେଲା ଭାରତ ବିଶାଳ ଓ ବିଭିଧ ହୋଇଥିଲେ ମଧ୍ୟ ଏହାର ଆତ୍ମା ହେଉଛି ଏକ । ପଟେଲଙ୍କ ଶବ୍ଦରେ – "My only desire is that India should be a good producer and no one should be hungry, shedding tears for food in the country." ଅର୍ଥାତ୍ ‘ମୋର ଏକମାତ୍ର ଆଶା ହେଉଛି ଭାରତ ଉତ୍ପାଦନଶୀଳ ହେଉ, ଯେପରି ଏହି ଦେଶରେ ଖାଦ୍ୟ ପାଇଁ କାହାରି ଲୁହ ନ ବହୁ ।‘ରାଷ୍ଟ୍ରୀୟ ଏକତା ଦିବସ କେବଳ ସ୍ମୃତିର ଦିନ ନୁହେଁ – ଏହା ଏକତାର ଶକ୍ତିର ସ୍ମରଣ ଅଟେ। ଏହା ଭାରତୀୟ ସଂବିଧାନର ମୂଲ୍ୟବୋଧ, ଧର୍ମନିରପେକ୍ଷତା ଓ ଏକତାର ଆତ୍ମାକୁ ପ୍ରତିଫଳିତ କରେ।ସର୍ଦ୍ଦାର ପଟେଲଙ୍କ ଉଚ୍ଚାରିତ ଶବ୍ଦ ଆଜି ମଧ୍ୟ ପ୍ରାସଙ୍ଗିକ ତାହା ହେଲା "Work is worship, and labor is divine, and the man who works hard in the right spirit is always at peace and is happy.‘ ଅର୍ଥାତ୍ “କାମ ହେଉଛି ପୂଜା, ଶ୍ରମ ହେଉଛି ଦେବତା, ଯିଏ ନିଜ କାମକୁ ନିଷ୍ଠାର ସହିତ କରେ ସେ ସଦା ଶାନ୍ତି ଓ ସୁଖୀ ହୁଏ ।‘ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତି ଭାରତର ଆତ୍ମାରେ ଜୀବନ୍ତ – ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଏହି ଆତ୍ମାକୁ ପୁନର୍ଜୀବିତ କରେ ଓ ନିଶ୍ଚିତ କରେ ଯେ ଭାରତ ସର୍ବଦା ଏକତାର ସୂତ୍ରରେ ବାନ୍ଧି ହୋଇ ରହି ଏକ ସଶକ୍ତ ଓ ସମୃଦ୍ଧିଶାଳୀ ରାଷ୍ଟ୍ର ହୋଇ ରହିବ।

ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ପାଇଲଟ୍ ଓ କ୍ରାଇମ ବ୍ରାଞ୍ଚ ଇନ୍ସପେକ୍ଟରଙ୍କ ସମେତ ୬ ମୃତ

ନୂଆଦିଲ୍ଲୀ,୩୦।୧୦: ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲା ଯୋଶୀମଠ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ହେଲିକପ୍ଟରରେ ଜଣେ ପାଇଲଟ ଓ ୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କର ମୃତ୍ୟୁ ହୋଇଯାଇଛି। ମୃତ ପାଇଲଟଙ୍କ ନାଁ ହିମାଂଶୁ। ତାଙ୍କ ଘର ଦିଲ୍ଲୀରେ। ମୃତ ଯାତ୍ରୀମାନେ ହେଉଛନ୍ତି, ପ୍ରତାପ, ଅରୁଣ, ଶଙ୍କର ଗୌଡ଼, ସୁଧାର କେ ଓ ଏସ୍‌ଏସ୍ ନଟରାଜ। ଏମାନେ ସମସ୍ତେ କର୍ଣ୍ଣାଟକର। ଅରୁଣ ବେଙ୍ଗାଲୁରୁ ପୁଲିସ୍ କ୍ରାଇମବ୍ରାଞ୍ଚରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ହେଲିକପ୍ଟରଟି ବଦ୍ରିନାଥରୁ ଡେରାଡୁନ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ମାରୱାଡ଼ି ବ୍ରିଜ୍ ଉପରେ ଓ ଜେପି ପାୱାର ହାଉସ୍ ଆଡ଼କୁ ଥିବା ପାହାଡ଼ିଆ ସ୍ଥାନରେ ଅପରାହ୍ନ ପ୍ରାୟ ୨ଟା ବେଳେ ଖସି ପଡ଼ିଥିଲା। ଏହି ହେଲିକପ୍ଟରଟି ଟ୍ରାନ୍ସ ଭାରତ ଏଭିଏସନ୍‌ର। ବଦ୍ରିନାଥରୁ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ଏହା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହା ପରେ ପରେ ହେଲିକପ୍ଟରଟି ସେହି ଅଞ୍ଚଳରେ ଖସି ପଡ଼ିଥିବା ଜଣାପଡ଼ିଥିଲା। ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ପୁଲିସ୍‌ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପୁଲିସ୍, ଏସ୍‌ଡିଆରଏଫ୍, ସେନା ଓ ଆଇଟିବିପିର ଯବାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। ଏହି ଦୁର୍ଘଟଣା ଘଟିଥିବା ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ସ୍ପଷ୍ଟ କରିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବେ ବୋଲି ସେ ଆଶା ରଖିଥିଲେ। ସେ ତାଙ୍କ 'ଏକ୍ସ'ରେ ଲେଖିଥିଲେ ଯେ ସେ ସ୍ଥିତି ଉପରେ ନଜର ରଖୁଛନ୍ତି। ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଏସ୍‌ଡିଆରଏଫ ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।

ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଘେରିବେ ବିରୋଧୀ

ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ଦାଖଲ ହେବ ଚାର୍ଜସିଟ୍

ନୂଆଦିଲ୍ଲୀ,୩୦।୧୦: ମୁଖ୍ୟ ନିର୍ବାଚନ ଆୟୋଗ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା 'ଜନ ମହାଭିଯୋଗ' କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ଖରାପ ପାଗ ଏବଂ ବର୍ଷା ଯୋଗୁଁ ବିରୋଧୀ ଦଳଗୁଡ଼ିକ ଏହି ଆୟୋଜନକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଅର୍ଥାତ୍ ୩୧ ଅକ୍ଟୋବରରେ ଅନୁଷ୍ଠିତ ହେବ। ବିରୋଧୀଙ୍କ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ପ୍ରସ୍ତାବ ଆଣିବେ। ଏହି ସମୟରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯିବ। କଂଗ୍ରେସ ବରିଷ୍ଠ ନେତା ମୀରା କୁମାର ଏହି କାର୍ଯ୍ୟକ୍ରମର ପୀଠାସୀନ ଅଧିକାରୀ ରହିବେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିରୋଧୀ ଦଳରୁ ଜଣେ ଲେଖାଏଁ ନେତା ନିଜର ପକ୍ଷ ରଖିବେ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସର୍ବଶେଷରେ ନିଜର ମତ ରଖିବେ। ସଂସଦର ପରିହାସ ନ ହେଉ ବୋଲି ବିରୋଧୀ ଚାହାଁନ୍ତି, ସେଥିପାଇଁ ଏଥିରେ ଶାସକ ଦଳର କାହାରି ପ୍ରତୀକାତ୍ମକ ଉପସ୍ଥିତି ରହିବ ନାହିଁ। ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ କିମ୍ବା ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ କୌଣସି ପୋଷ୍ଟର, ବ୍ୟାନର କିମ୍ବା ମୁଖା ବ୍ୟବହାର କରାଯିବ ନାହିଁ। ଏହି କାର୍ଯ୍ୟକ୍ରମରେ ସିଭିଲ୍ ସୋସାଇଟିର ପ୍ରତିନିଧି ଏବଂ ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନେ ମଧ୍ୟ ଯୋଗଦେବେ। ପ୍ରତ୍ୟେକ ବିରୋଧୀ ଦଳରୁ ଜଣେ ନେତା ନିଜର କଥା ରଖିବେ। ପୂର୍ବରୁ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁମତି ମିଳିନଥିବାରୁ, ଏବେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶୁକ୍ରବାର ଅପରାହ୍ନ ସାଢ଼େ ତିନିଟାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ବାସଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ମହାସଚିବ ଜୟରାମ ରମେଶ ସୂଚନା ଦେଇଛନ୍ତି। କଂଗ୍ରେସର ସାଙ୍ଗଠନିକ ମହାସଚିବ କେ.ସି. ଭେଣୁଗୋପାଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଯାହା ଚାହିଁଲେ ମଧ୍ୟ ବିରୋଧୀ ନିଜର କାର୍ଯ୍ୟକ୍ରମ ଜାରି ରଖିବେ। ନଭେମ୍ବର ୧ ତାରିଖରେ ରାମଲୀଳା ମୈଦାନରେ ହେବାକୁଥିବା ରାଲି ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଏହି 'ଭୋଟ୍ ଚୋରି' ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ଜନ ମହାଭିଯୋଗ ଆୟୋଜନ କରିବାକୁ ଯୋଜନା କରିଛନ୍ତି।

ଭାରତୀୟ ନୌସେନାକୁ ମିଳିବ ୮ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ

ନୂଆଦିଲ୍ଲୀ,୩୦।୧୦: ଭାରତୀୟ ନୌସେନାକୁ ମିଳିବ ୮ଟି ଅତ୍ୟାଧୁନିକ ଯୁଦ୍ଧ ଜାହାଜ। ୪୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେବ ୮ଟି ନେକ୍ସଟ୍ ଜେନେରେସନ ଷ୍ଟିଲଥ ଫ୍ରିଗେଟ୍। କେନ୍ଦ୍ର କ୍ୟାବିନେଟ୍ କମିଟି ପକ୍ଷରୁ ଫ୍ରିଗେଟ୍ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟ ଦୁଇଟି ପ୍ରମୁଖ ସରକାରୀ ଶିପ୍ ୟାର୍ଡ ମଧ୍ୟରେ ବିଭାଜିତ ହୋଇଛି। କୋଲକାତାର ଗାର୍ଡେନ୍ ରିଚ୍ ଶିପ୍ ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆରଏସଇ) ୫ଟି ଜାହାଜ ଏବଂ ଗୋଆ ଶିପ୍ ୟାର୍ଡ ଲିମିଟେଡ୍ (ଜିଏସଏଲ) ବାକି ୩ଟି ଜାହାଜ ନିର୍ମାଣ କରିବେ। ପ୍ରଥମ ଷ୍ଟିଲଥ ଯୁଦ୍ଧ ଜାହାଜ ୨୦୩୦ ସୁଦ୍ଧା

ଭାରତୀୟ ନୌସେନାକୁ ହସ୍ତାନ୍ତର କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି ଜାହାଜଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭାରତୀୟ ନୌସେନାର ନିଜସ୍ୱ ଷ୍ଟିଲଥ ଡିଜାଇନରେ ପ୍ରସ୍ତୁତ କରାଯିବ। ଏହି ଜାହାଜଗୁଡ଼ିକର ଓଜନ ପ୍ରାୟ ୭,୦୦୦ ରୁ ୭,୫୦୦ ଟନ୍ ମଧ୍ୟରେ ହେବ। ଘଣ୍ଟା ପ୍ରତି ୩୦ ନଟ୍ ବେଗରେ ଗତି କରିପାରିବ। ସମୁଦ୍ର ମଧ୍ୟରେ ଶତ୍ରୁ ଉପରେ ନଜର ରଖିବ ଏବଂ ଉପକୂଳ ସୁରକ୍ଷା ଦେବ ଏହି ଜାହାଜ। ଏଥିରେ ଶକ୍ତିଶାଳୀ ବ୍ରହ୍ମୋସ ସୁପରସୋନିକ ମିସାଇଲ ଏବଂ ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ ସାମିଲ କରାଯିବ। ଏହି ନୂତନ ୮ଟି ଜାହାଜ ଭାରତୀୟ ନୌସେନାର ପୁରୁଣା ହୋଇଯାଇଥିବା ବୀର, ଖୁକ୍ରି ଏବଂ କୋରା ଶ୍ରେଣୀର ଜାହାଜଗୁଡ଼ିକର ସ୍ଥାନ ନେବେ। ଏହା ଭାରତ ମହାସାଗର ଅଞ୍ଚଳରେ ଚୀନ୍ ଏବଂ ପାକିସ୍ତାନର ନୌସେନା ଶକ୍ତିକୁ କଡ଼ା ଟକ୍କର ଦେବାରେ ସାହାଯ୍ୟ କରିବ।

ଗୁଜରାଟର ବନାସକାଣ୍ଠାରେ ଅଭିଭାଷଣ ରଖିଲେ ମୋଦୀ

ଏଠାରେ ଆଳୁ ବିଶ୍ୱପ୍ରସିଦ୍ଧ



ଗାନ୍ଧୀନଗର,୩୦।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଗୁଜରାଟର ବନାସକାଣ୍ଠାରେ ନିଜ ଅଭିଭାଷଣରେ କହିଛନ୍ତି ଯେ ଏଠାରେ ଚାଷ ହେଉଥିବା ଆଳୁ ସାରା ବିଶ୍ୱରେ ପ୍ରସିଦ୍ଧ। ବନାସକାଣ୍ଠାକୁ କେହି ଆସି ଆଳୁରୁ ସୁନା ତିଆରି କରିବେ ବୋଲି କହନ୍ତି, କାରଣ ଏଠାକାର ଲୋକମାନେ ପୂର୍ବରୁ ଆଳୁରୁ ସୁନା ତିଆରି କରୁଛନ୍ତି। ମୋଦୀଙ୍କ ରାଲିରେ ଚାଷୀମାନଙ୍କ ବସିବା ପାଇଁ ଚେୟାର ବଦଳରେ ଖଟିଆ ବିଛାଯାଇଥିଲା। ସେ ମନ୍ତବ୍ୟ ଦେଇଥିଲେ ଯେ ଏକ ସଭାରେ ସମସ୍ତଙ୍କୁ ଖଟିଆରେ ବସିଥିବାର ଦେଖିବା ଦେଶର ଅନେକ ଲୋକଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ କଥା ହେବ। ବନାସକାଣ୍ଠାର ଲୋକମାନେ ଏହି ପୁରୁଣା ଗ୍ରାମ ପରମ୍ପରାକୁ ଜୀବିତ ରଖିଛନ୍ତି। ଯଦି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ନିମନ୍ତେ ହୋଇଥାନ୍ତା, ତେବେ ଏହା ରେକର୍ଡରେ ରେକର୍ଡ ହୋଇଥାନ୍ତା। ରାଲି ସମୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୪ତମ କିସ୍ତି ଉନ୍ମୋଚନ କରିଛନ୍ତି। ଏହା ଅଧୀନରେ, ୯.୩୪ କୋଟିରୁ ଅଧିକ ଚାଷୀ ପରିବାର ୧୮,୭୦୦ କୋଟିରୁ ଅଧିକ ରାଶି ପାଇବେ। ସେ ୧୪,୦୦୦ କୋଟିରୁ ଅଧିକ ମୂଲ୍ୟର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି ଏବଂ ଦୁଇଟି ନୂତନ ଟ୍ରେନ ସେବାକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଅଛନ୍ତି। ଶନିବାର, ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ପାଳନ ପାଇଁ ଏକତା ନଗରରେ ଜାତୀୟ ଏକତା ଦିବସ ସମାରୋହରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, "ମୁଁ ମୋ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆପଣଙ୍କ ସେବାରେ ପ୍ରତିବଦ୍ଧ ରହିବି। ଆପଣ ଅତୀତକୁ ମନେ ରଖିବେ। ୨୫ ବର୍ଷ ପୂର୍ବେ ଏଠାରେ ବିଦ୍ୟୁତ୍ ଏବଂ ପାଣିର ସମସ୍ୟା ଥିଲା। ମୁଁ କହୁଥିଲି ଯେ ଆମକୁ ବିଦ୍ୟୁତ୍ ଏବଂ ପାଣି ସଞ୍ଚୟ କରିବାକୁ ପଡ଼ିବ।" ଲୋକମାନେ ପ୍ରତିବାଦ କରିଥିଲେ, "ଏହା କହିବା ପାଇଁ ମୋଦୀ କିଏ?" ମୁଁ ଲଢ଼ି ଚାଲିଲି, ଏବଂ ଦେଖ ଆମେ କେଉଁଠି ପହଞ୍ଚିଛୁ। ଆଜି, ମୁଁ ପୁଣି କହିବି, "ଆମକୁ ବିଦ୍ୟୁତ୍ ଏବଂ ପାଣି ସଞ୍ଚୟ କରିବାକୁ ପଡ଼ିବ।" ବନାସକାଣ୍ଠା ଆଳୁ ଆଜି ବିଶ୍ୱ ପ୍ରସିଦ୍ଧ। ବନାସକାଣ୍ଠା ବାସିନ୍ଦାଙ୍କୁ କେହି ଆସି କହିବେ ନାହିଁ ଯେ ସେମାନେ ଆଳୁକୁ ସୁନାରେ ପରିଣତ କରିବେ; ସେମାନେ ପୂର୍ବରୁ ଏହା କରୁଛନ୍ତି।

"କିଛି ଦିନ ପୂର୍ବରୁ, ଅକ୍ଟୋବର ୭ ତାରିଖରେ, ମୁଁ ଜଣେ ସେବକ ଭାବରେ ୨୫ ବର୍ଷ ପୂରଣ କରିଥିଲି। ୨୦୦୧ ଅକ୍ଟୋବର ୭ ତାରିଖରେ ଯେତେବେଳେ ମୁଁ ଶପଥ ନେଇଥିଲି, ତୁମେ ମୋତେ ସ୍ନେହରେ ବର୍ଷା କରିଥିଲ। ପ୍ରତ୍ୟେକ ଗୁଜରାଟୀ ମୋତେ ବହୁତ କିଛି ଶିଖାଇଥିଲେ। ମୁଁ ଏକ ସାଧାରଣ ପରିବାରରୁ ଆସିଥିଲି, ଯାହାର ପରିବାର କେବେ ଗାଁ ମୁଖିଆ ହେବାର ସ୍ୱପ୍ନ ଦେଖିନଥିଲା, କିନ୍ତୁ ତୁମେ ମୋତେ ଯୋଗ୍ୟ ବୋଲି ମାନିଥିଲ।" ପ୍ରଥମେ, ମୋତେ ଗୁଜରାଟରେ ସେବା କରିବାର ଦାୟିତ୍ୱ ଦିଆଯାଇଥିଲା, ତା'ପରେ ଦେଶର। ଜନସେବା ମାଧ୍ୟମରେ ରାଷ୍ଟ୍ରର ସେବା, ଏବଂ ଗୁଜରାଟର ବିକାଶ ମାଧ୍ୟମରେ ଦେଶର ବିକାଶ। ଏହା କିପରି କରିବାକୁ ହେବ ଏବଂ କିପରି ଆଗକୁ ବଢ଼ିବାକୁ ହେବ ତାହା ଶିଖାଇଥିଲ।

ନାବାଳିକାଙ୍କୁ ଧର୍ମାନ୍ତର ଓ ବିବାହ ଉଦ୍ୟମ ମୌଲବୀଙ୍କ ସମେତ ୩ ଗିରଫ

ଗୁଜରାଟ,୩୦।୧୦: ଦେଶରେ ଜବରଦସ୍ତ ଧର୍ମାନ୍ତରୀକରଣକୁ ନେଇ କଡ଼ା ଆଇନଗତ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଅପରାଧିକ ମାନସିକତା ରଖିଥିବା କିଛି ବ୍ୟକ୍ତି ନିଜର ଏଭଳି କାରନାମାରୁ ବାହାରି ପାରୁନାହାନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଗୁଜରାଟରୁ ସାମ୍ନାକୁ ଆସିଛି। ଗୁଜରାଟର ଗିର ସୋମନାଥ ଜିଲ୍ଲାର ଦୁଇ ଜଣ ନାବାଳିକାଙ୍କୁ ବିବାହ ଏବଂ ଧର୍ମାନ୍ତରୀକରଣ କରାଇବା ଉଦ୍ଦେଶ୍ୟରେ ମେହସାଣା ଜିଲ୍ଲାର ଉନାଭା ସ୍ଥିତ ଏକ ଦରଗାହକୁ ନିଆଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଉଭୟ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଜଣେ ମୌଲବୀଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ ଜଣେ ଅଭିଯୁକ୍ତ ଫେରାର ରହିଛି। ପୋଲିସ ସୂଚନା ମୁତାବକ, ଉଭୟ ନାବାଳିକା ପରୀକ୍ଷା ଦେବା ପାଇଁ ଯାଇଥିଲେ କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଅକ୍ଟୋବର ୨୪ ତାରିଖରେ ଜଣେ ମହିଳା ଜଣେ ନାବାଳିକା ଝିଅ ନିଖୋଜ ଥିବା ନେଇ ପୁଲିସରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ସିସିଟିଭି ଫୁଟେଜ୍ ଏବଂ ମୋବାଇଲ୍ ଫୋନ୍ ଲୋକେସନ୍ ଆଧାରରେ ଉଭୟ ଝିଅ ମେହସାଣା ଜିଲ୍ଲାର ଉନାଭାଠାରେ ଥିବା ବିଷୟରେ ଜାଣିବାକୁ ପାଇଥିଲା ପୁଲିସ। କୋଡିନାର ପୋଲିସ, ଉନାଭା ପୁଲିସର ସହାୟତାରେ 'ଦାତାର ବାପୁ ଦରଗାହ'ରୁ ଉଭୟ ନାବାଳିକାଙ୍କୁ ଉଦ୍ଧାର କରିଛି। ପୁଲିସର କହିବାନୁଯାୟୀ, ଉଭୟ ନାବାଳିକା ଦରଗାହରେ ବୁର୍ଖା ପିନ୍ଧିଥିବା ଅବସ୍ଥାରେ ମିଳିଥିଲେ। ସେମାନଙ୍କୁ ସେଠାରେ ପ୍ରାୟ ୩ ଦିନ ଧରି ରଖାଯାଇଥିଲା।

ତାମିଲନାଡୁରେ ସରକାରୀ ନିଯୁକ୍ତି ପାଇଁ ବୟସସୀମା ୫ ବର୍ଷ କୋହଳ

ନୂଆଦିଲ୍ଲୀ,୩୦।୧୦: ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରୁଥିବା ଯୁବକଯୁବତୀଙ୍କ ପାଇଁ ବଡ଼ ଆଶ୍ୱସ୍ତି। ଚାକିରି ଆବେଦନରେ ବୟସ ସୀମା ବାଧକ ସାଜୁଥିଲେ ଏବେ ମିଳିବ ଅଧିକ ସୁଯୋଗ। ସରକାରୀ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମାରେ ଅତିରିକ୍ତ ୫ ବର୍ଷ କୋହଳ ଘୋଷଣା କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ। ଏହି ନିଷ୍ପତ୍ତି ଅନେକ ଚାକିରି ଆଶାୟୀଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିଛି। ସରକାରୀ ସୂଚନା ଅନୁସାରେ, ଏହି ବୟସ କୋହଳ ୨୦୨୬ ଅକ୍ଟୋବର ୩୧ରୁ ଲାଗୁ ହେବ ଏବଂ ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅର୍ଥାତ୍ ଏହି ସମୟ ମଧ୍ୟରେ ସରକାରୀ ଚାକିରି ପାଇଁ ବିଧିସଙ୍ଗତ ନିଯୁକ୍ତିରେ ଆବେଦନ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସର୍ବୋଚ୍ଚ ବୟସ ସୀମାରେ ଅତିରିକ୍ତ ୫ ବର୍ଷର ସୁବିଧା ପାଇପାରିବେ। ସରକାରୀ ଚାକିରି ଆଶାୟୀମାନେ ଦୀର୍ଘଦିନ ଧରି ନିଯୁକ୍ତି ପରୀକ୍ଷାରେ ବୟସ ସୀମା କୋହଳ କରିବାକୁ ଦାବି କରିଆସୁଥିଲେ। ଅନେକ ପ୍ରାର୍ଥୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ସମୟରେ ନିର୍ଦ୍ଧାରିତ ବୟସ ସୀମା ଅତିକ୍ରମ କରିବାରୁ ଆବେଦନ ସୁଯୋଗ ହରାଉଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କ ଅନୁରୋଧ ଉପରେ ସରକାର ଏହି ପଦକ୍ଷେପ ନେଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଏହି ୫ ବର୍ଷର କୋହଳ ପୂର୍ବରୁ ରହିଥିବା ବୟସ ସୀମା ସୁବିଧା ବ୍ୟତୀତ ଅତିରିକ୍ତ ଭାବେ ମିଳିବ। ତେଣୁ ବର୍ତ୍ତମାନର ନିୟମ ଅନୁସାରେ ବୟସ କୋହଳ ପାଉଥିବା ପ୍ରାର୍ଥୀମାନେ ମଧ୍ୟ ନୂଆ ନିଷ୍ପତ୍ତିର ଲାଭ ପାଇପାରିବେ।

ୟୁସିସିକୁ ନେଇ ବଡ଼ ବୟାନ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ

ୟୁପିରେ ତୃତୀୟ ଥର ବିଜେପି ସରକାର ଗଢ଼ିବାକୁ ସୁଯୋଗ ଦିଅ



ନୂଆଦିଲ୍ଲୀ,୩୦।୧୦: ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ଟଉଉକୁ ନେଇ ବଡ଼ ବୟାନ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା। ୟୁପିରେ ତୃତୀୟ ଥର ବିଜେପି ସରକାର ଗଢ଼ିବାକୁ ସୁଯୋଗ ଦିଅନ୍ତୁ, ଏଠାରେ ମଧ୍ୟ ସମାନ ନାଗରିକ ସଂହିତା (ଟଉଉ) ଲାଗୁ କରାଯିବ ବୋଲି କହିଛନ୍ତି ଶାହା। ଲକ୍ଷ୍ନୌରେ ବିଜେପି କାର୍ଯ୍ୟସମିତି ବୈଠକରେ ଯୋଗଦେଇ ଶାହ କହିଛନ୍ତି, ଦେଶର ଅନେକ ରାଜ୍ୟରେ ଟଉଉ ଲାଗୁ ହୋଇସାରିଛି। ଉତ୍ତରପ୍ରଦେଶରେ ମଧ୍ୟ ଏହା ଲାଗୁ କରିବାକୁ ବିଜେପି ପ୍ରତିଶ୍ରୁତିବଦ୍ଧ। ଅନ୍ୟପଟେ ଅମିତ ଶାହଙ୍କ ବୟାନକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ପ୍ରଶ୍ନ କରିଥିବାରୁ ସେ କଟାକ୍ଷ କରି କହିଛନ୍ତି, 'ବହୁତ ଡେରି କରିଦେଲେ ମେହେରବାନ୍ ଆସୁ ଆସୁ।' ସେପଟେ ଉତ୍ତରପ୍ରଦେଶରେ ବିଜେପିକୁ କେହି ହରାଇ ପାରିବେନି ବୋଲି ଦୃଢ଼ୋକ୍ତି କରିଛନ୍ତି ଶାହ। ଦଳର କର୍ମୀଙ୍କୁ ଏକଜୁଟ୍ ହୋଇ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବା ସହ ପ୍ରଚଣ୍ଡ ବହୁମତରେ ପୁଣି ସରକାର ଗଢ଼ିବାକୁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନକୁ ପ୍ରଶଂସା କରି ଶାହ କହିଛନ୍ତି, କଠୋର ଶାସନ ଯୋଗୁଁ ଉତ୍ତରପ୍ରଦେଶ ମାଫିଆମୁକ୍ତ ହୋଇଛି। ଅନ୍ୟପଟେ ଅଖିଳେଶ ଯାଦବଙ୍କୁ ଟାର୍ଗେଟ୍ କରି ଆଗାମୀ ୩୦ ବର୍ଷ ଯାଏଁ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ସରକାର ହେବନାହିଁ ବୋଲି କହିଛନ୍ତି ଶାହ। ନିଜ ରାଜନୈତିକ ଯାତ୍ରାର ଉଦାହରଣ ଦେଇ ଶାହ କହିଛନ୍ତି, ୨୦୧୪ରେ ଉତ୍ତରପ୍ରଦେଶରେ ବିଜେପି ୪୧ ପ୍ରତିଶତ ଭୋଟ୍ ସହ ୭୩ଟି ଆସନ ଜିତିଥିଲା।

ଭୁଟାନରେ ପ୍ରକୃତିର ତାଣ୍ଡବ

ଫ୍ଲାସ ଫ୍ଲଡରେ ସୋଲାର ପ୍ରୋଜେକ୍ଟ ନଷ୍ଟ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର

ଭୁଟାନ,୩୦।୧୦: ଭୁଟାନରେ ହିମହ୍ରଦ ଫାଟିଲା। ଭୁଟାନରେ ହିମହ୍ରଦ ଫାଟିବା ପରେ ଭାରତର ଦୁଇ ରାଜ୍ୟରେ ବନ୍ୟା ଆତଙ୍କ। ପଶ୍ଚିମବଙ୍ଗ ଓ ଆସାମରେ ହାଇଆଲର୍ଟ ଜାରି ହୋଇଛି। ଭୁଟାନର ଏକ ହିମହ୍ରଦରୁ ହଠାତ୍ ବିପୁଳ ପରିମାଣର ଜଳ ନିଷ୍କାସିତ ହେବା ଫଳରେ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ଗ୍ଲେସିୟର ହ୍ରଦ ଫାଟିବା ଯୋଗୁ ଡୋଙ୍ଗକା-ଜୋମଲିଙ୍ଗଥାଙ୍ଗ-ରିଗ୍ସାଟିବୋଙ୍ଗରେ ଥିବା ସୋଲାର ଇରିଗେସନ୍ ଲିଫ୍ଟ ସିଷ୍ଟମ ନଷ୍ଟ ହୋଇଯାଇଛି। ବନ୍ୟା ଆସିବା ପରେ ଏଠିକାର ସିଷ୍ଟମ ବନ୍ଦ କରାଯାଇଛି। ଏହାର ପ୍ରଭାବରେ ଭାରତ ଦେଇ ପ୍ରବାହିତ ସଙ୍କୋଶ ନଦୀର ଜଳସ୍ତର ଅଚାନକ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ନଦୀକୂଳ ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆସାମର ଧୁବ୍ରୀ ଜିଲ୍ଲାରେ ମଧ୍ୟ ପ୍ରଶାସନ ସଜାଗ ହୋଇଉଠିଛି। ସଙ୍କୋଶ ନଦୀର ତଳମୁଣ୍ଡରେ ବନ୍ୟାଜଳ ପହଞ୍ଚିଲେ କିଭଳି ପରିସ୍ଥିତି ସୃଷ୍ଟି ହୋଇପାରେ, ତାକୁ ନଜରରେ ରଖି ପ୍ରସ୍ତୁତି ଜୋରଦାର କରାଯାଇଛି। ବିଶେଷଜ୍ଞଙ୍କ ମତରେ, ଗ୍ଲୋବାଲ ୱାର୍ମିଂ ଯୋଗୁଁ ହିମବାହ ତରଳିବା ଫଳରେ ଜମା ହେଉଥିବା ପାଣିରୁ ହିମହ୍ରଦ ସୃଷ୍ଟି ହୁଏ। ଏହି ହ୍ରଦର ପ୍ରାକୃତିକ ବନ୍ଧ ଭାଙ୍ଗିଗଲେ ଅଳ୍ପ ସମୟ ମଧ୍ୟରେ ବିପୁଳ ପରିମାଣର ପାଣି ତଳକୁ ମାଡ଼ିଆସେ। ଏହାକୁ ଗ୍ଲାସିଆଲ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍ ବା ଏଖଏଫ୍ ବୁହାଯାଏ। ଏଭଳି ବନ୍ୟାରେ ନଦୀର ଜଳସ୍ତର ଅତି ଦ୍ରୁତ ଗତିରେ ବଢ଼ିପାରେ। ହିମାଳୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ଓ ହିମବାହ ତରଳିବା ବ୍ୟାପାର ସମ୍ପର୍କିତ ବିପଦ ନେଇ ଦୀର୍ଘଦିନ ଧରି ବୈଜ୍ଞାନିକମାନେ ସତର୍କ କରାଇଆସୁଛନ୍ତି। ତେବେ ଭୁଟାନରେ ଘଟିଥିବା ଏହି ନିର୍ଦ୍ଦିଷ୍ଟ ଘଟଣା ପଛର କାରଣ ସମ୍ପର୍କରେ ଅଧିକ ତଥ୍ୟ ଆବଶ୍ୟକ।

ବାତ୍ୟା 'ଅର୍ଣ୍ଣବ' କ୍ଷତିଗ୍ରସ୍ତଙ୍କୁ ପିଏମ୍ କେୟାର୍ସ ପାଣ୍ଠିରୁ ତୁରନ୍ତ ସହାୟତା ଦେବାକୁ କଂଗ୍ରେସର ଦାବି

ନୂଆଦିଲ୍ଲୀ,୩୦।୧୦: ବାତ୍ୟା 'ଅର୍ଣ୍ଣବ' ଯୋଗୁ ଆନ୍ଧ୍ରପ୍ରଦେଶର ବ୍ୟାପକ କ୍ଷୟକ୍ଷତି ଓ ଓଡ଼ିଶାରେ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛି କଂଗ୍ରେସ। ଏହି ବିପର୍ଯ୍ୟୟରେ ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଆଗେଇ ଆସିବାକୁ ଦଳ ଦାବି କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜର ମତ ରଖି କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଜୀବନ ହରାଇଥିବା ଲୋକଙ୍କ ପରିବାର ପ୍ରତି ତାଙ୍କର ଗଭୀର ସମବେଦନା ରହିଛି। ଓଡ଼ିଶାରେ ବାତ୍ୟା ଓ ବନ୍ୟା ଯୋଗୁଁ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ତେଣୁ କେନ୍ଦ୍ର ସରକାରଙ୍କ ତରଫରୁ ଯଥାଶୀଘ୍ର ଉଦ୍ଧାର, ସହାୟତା ଓ ଥଇଥାନ କାର୍ଯ୍ୟକ୍ରମ ସମନ୍ୱିତ ଭାବେ ଆଗେଇ ନେବା ଆବଶ୍ୟକ। ପିଏମ୍ କେୟାର୍ସ ପାଣ୍ଠିରୁ ପ୍ରଭାବିତ ପରିବାରଙ୍କୁ ଶୀଘ୍ର ସହାୟତା ଦେବାକୁ ସେ କହିଛନ୍ତି। କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ମଧ୍ୟ ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ତୁରନ୍ତ ସହାୟତା ଓ ଥଇଥାନ ପାଇଁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆନ୍ଧ୍ରପ୍ରଦେଶରେ ବାତ୍ୟା ଯୋଗୁଁ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାଥମିକ ଆକଳନ ଅନୁସାରେ ପ୍ରାୟ ୪,୭୦୦ କୋଟି ଟଙ୍କାର କ୍ଷତି ହୋଇଛି।

ଛଅ ରାଜ୍ୟରେ ଏସ୍‌ଆଇଆର୍ ଅବଧି ବୃଦ୍ଧି



ନୂଆଦିଲ୍ଲୀ,୩୦।୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ପାଇଁ ଦିଲ୍ଲୀ ସମେତ ୬ଟି ରାଜ୍ୟରେ ସମୟସୀମା ବଢ଼ାଇଛନ୍ତି ନିର୍ବାଚନ ଆୟୋଗ। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଡିସେମ୍ବର ୨୨ରେ ପ୍ରକାଶ ପାଇବ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ହରିୟାଣା, ତେଲଙ୍ଗାନା ଓ ନାଗାଲାଣ୍ଡରେ ଚୂଡ଼ାନ୍ତ ତାଲିକା ନଭେମ୍ବର ୩୦ରେ ପ୍ରକାଶ କରାଯିବ। ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧ ପରେ ଏହି ପରିବର୍ତ୍ତନ କରାଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୦ ଥିଲା। ଏବେ ଏହାକୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଦାଖଲ ହୋଇଥିବା ଦାବି ଓ ଆପତ୍ତିର ଯାଞ୍ଚ ଏବଂ ଫଇସଲା ପାଇଁ ଡିସେମ୍ବର ୧୫ ଯାଏ ସମୟ ଦିଆଯାଇଛି। ପୂର୍ବରୁ ଚୂଡ଼ାନ୍ତ ତାଲିକା ଡିସେମ୍ବର ୪ରେ ପ୍ରକାଶ ପାଇବାର କାର୍ଯ୍ୟସୂଚୀ ରହିଥିଲା। ମହାରାଷ୍ଟ୍ରରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୨୭ରୁ ବଢ଼ାଇ ନଭେମ୍ବର ୧୩ କରାଯାଇଛି। ସେଠାରେ ଦାବି ଓ ଆପତ୍ତିର ଫଇସଲା ନଭେମ୍ବର ୨୫ ଯାଏ ଚାଲିବ। ଆନ୍ଧ୍ରପ୍ରଦେଶ ଓ ହରିୟାଣାରେ ଏହି ପ୍ରକ୍ରିୟା ନଭେମ୍ବର ୨୦ ଯାଏ ଏବଂ ନାଗାଲାଣ୍ଡରେ ନଭେମ୍ବର ୨୫ ଯାଏ ଚାଲିବ। ତେଲଙ୍ଗାନାରେ ଏହାର ଶେଷ ତାରିଖ ନଭେମ୍ବର ୨୬ ରଖାଯାଇଛି। ଦିଲ୍ଲୀରେ ଏସ୍‌ଆଇଆର ପ୍ରକ୍ରିୟାର ସମୟସୀମାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇବାର ଦିନକ ପରେ ନିର୍ବାଚନ ଆୟୋଗଙ୍କ ଏହି ନିଷ୍ପତ୍ତି ଆସିଛି। ଅଦାଲତ ପଚାରିଥିଲେ, ଦିଲ୍ଲୀରେ ନିକଟ ଭବିଷ୍ୟତରେ ନିର୍ବାଚନ ନ ଥିବାବେଳେ ଭୋଟରଙ୍କ ପାଇଁ ଏତେ କମ୍ ସମୟସୀମା ରଖିବାର ଆବଶ୍ୟକତା କ'ଣ? ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିଛି, ସେମାନଙ୍କୁ ନାମ ସାମିଲ କରିବା ଓ ଠିକ୍ ସଂଶୋଧନ ପାଇଁ ସୁଯୋଗ ଦେବାକୁ ଅଦାଲତ ଗୁରୁତ୍ୱ ଦେଇଥିଲେ।

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ଲଗାଣ ବର୍ଷାରେ କୃଷ୍ଣପ୍ରସାଦରେ ଧାନ ଫସଲ ନଷ୍ଟ,ଚିନ୍ତାରେ ଚାଷୀ

କୃଷ୍ଣପ୍ରସାଦ(ମହାଭାରତ) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଏବଂ ତୁହାକୁ ତୁହା ବର୍ଷା ଯୋଗୁଁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଦିନିଆ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଥିବା ବେଳେ ଏବେ ଚିନ୍ତାରେ ଦିନ କାଟୁଛନ୍ତି ଚାଷୀକୁଳ।ବିଶେଷ କରି ସିଆଁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଓରା ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଫସଲ ନଷ୍ଟ ହେବା ଦେଖି ହତାଶ ହୋଇ ସେ ଜମି ହୁଡ଼ାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ଷସାରା ପରିଶ୍ରମ କରି ଅମଳର ଆଶା ରଖିଥିବା ଚାଷୀଙ୍କ ସ୍ୱପ୍ନ ଏବେ ଧୂଳିସାତ୍ ହେବାକୁ ବସିଛି। ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କ ଜମିରେ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ସହ ଯୋଗ୍ୟ ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ଉଠୁଛି। ପ୍ରଶାସନ ପକ୍ଷରୁ କେବେ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ, ତାହାକୁ ନେଇ ଚାଷୀମହଲରେ ଅପେକ୍ଷା ରହିଛି।

ପାଗଳ କୁକୁର ଆକ୍ରମଣରେ ୪ ଆହତ, ଶିଶୁର ଅବସ୍ଥା ଗୁରୁତର

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ହେମାମୁରା ଓ ନବଘନପୁର ଗ୍ରାମରେ ପାଗଳ କୁକୁର ଆତଙ୍କ। ଗତ ୩ ଦିନ ମଧ୍ୟରେ କୁକୁର କାମୁଡ଼ାରେ ୪ ଜଣ ଆହତ ହୋଇଥିବା ବେଳେ ଜଣେ ଶିଶୁଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ଆଜି ଭୋର ସକାଳେ ନବଘନପୁର ଗ୍ରାମର ମନୋଜ ମୁଦୟା ଓ ଗୀତାଞ୍ଜଳି ମୁଦୟାଙ୍କ ଏକମାତ୍ର ଝିଅ ଘର ପାଖରେ ଖେଳୁଥିବା ସମୟରେ ଏକ ପାଗଳ କୁକୁର ହଠାତ୍ ଆକ୍ରମଣ କରିଥିଲା। କୁକୁରଟି ଶିଶୁଟିର ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ କାମୁଡ଼ି ଗଭୀର ଆଘାତ ପହଞ୍ଚାଇଥିଲା। ଶିଶୁର କାନ୍ଦ ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କୁକୁର କବଳରୁ ତାକୁ ଉଦ୍ଧାର କରି ତୁରନ୍ତ ରେଢ଼ାଖୋଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶିଶୁର ଅବସ୍ଥା ଗୁରୁତର ଥିବାରୁ ତାକୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ହେମାମୁରା ଓ ନବଘନପୁର ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ପାଗଳ କୁକୁରକୁ ଧରିବା ସହ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଏ.ବି.ଇ.ଓଙ୍କ ମନ ମାନିରେ ଚାଲିଛି ଶୁରଭି କାର୍ଯ୍ୟକ୍ରମ

କଷ୍ଣପ୍ରସାଦ,(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନାରାୟଣ ବିଦ୍ୟାପିଠ ପରିସରରେ ଚାଲିଥିବା ଶୁରଭି କାଯ୍ୟକ୍ରମ ରେ ବିଜୁଳୀ ତାର ଉପରେ ନାଚୁଛନ୍ତି ଛାତ୍ର ଛାତ୍ରୀ । ଛାତ୍ର ଛାତ୍ରୀ ଙ୍କର ଲୁଚିରହିଥିବା କଳା କ୍ଷେତ୍ରରେ ବିକାଶ ପାଇଁ ହେଉଥିବା ସୁରଭି କାର୍ଯ୍ୟକ୍ରମ କ୍ଲଷ୍ଟର ସ୍ତରୀୟ ପ୍ରୋଗ୍ରାମ ସରିଥିବାବେଳେ ବ୍ଲକ୍ ସ୍ତରୀୟ ସୁରଭି ଆରମ୍ଭ ହୋଇଛି କିନ୍ତୁ ସମ୍ବେଦନଶିଳ ର କଥା ଛାତ୍ର ଛାତ୍ରୀ ଦେଶର ଭବିଷ୍ୟତ ହୋଇଥିବାବେଳେ କୃଷ୍ଣପ୍ରସାଦ ରେ ହେଉଥିବା ସୁରଭି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ବିଜୁଳୀ ତାର ଉପରେ କଳାବୃତ୍ତି କରୁଛନ୍ତି ଏବଂ ବାବୁମାନେ ପିଲାଙ୍କ ପାଇଁ ହୋଇଥିବା ଷ୍ଟେଜଟିକୁ ନିଜ ବ୍ୟବହାରରେ ଲଗେଇ ବସିଛନ୍ତି। ପିଲାମାନଙ୍କର କିଛି ଦୂର୍ଘଟଣା ହେଲେ ଦାୟୀ କିଏ ରହିବ। ଏହା ଏକ ବଡ଼ ପ୍ରଶ୍ନବାଚି ? ସିଦ୍ଧେଶ୍ୱର କରଣଙ୍କର ଅଧ୍ୟକତାରେ ହେଉଥିବା ସୁରଭି କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା ହୋଇଛି। ପିଲା ମାନଙ୍କୁ ଖାଇବାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ନଦେଇ ସ୍କୁଲ୍ ପରିସର ମଧ୍ୟରେ ଥିବା ଛୋଟ କାନ୍ଥ ଉପରେ ଏବଂ ଏଣୁ ତେଣୁ ଜାଗାରେ ଦିଆଯାଇ ଛାତ୍ର ଛାତ୍ରୀ ଙ୍କୁ ଦୁର୍ବ୍ୟବହାର କରିବା ଠାରୁ ବି କିଛି କମ୍ ନୁହଁ। ଗଛ ତଳେ ଖାଇବା ବେଳେ ଯଦି କୌଣସି ବିଷାକ୍ତ ପୋକ କିମ୍ବା ବିଷାକ୍ତ ଦ୍ରବ୍ୟ ପଡ଼ି ଜୀବନ ପ୍ରତି ବିପଦ ଆସେ ଦାୟୀ ରହିବ କିଏ। ଏ ହେଉଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନାରାୟଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଥିବା ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ର ଚିତ୍ର। ଖାଦ୍ୟ କଥା କହିଲେ ନସରେ। ବ୍ଲକ୍ ସ୍ତରୀୟ ପ୍ରୋଗ୍ରାମ ରେ ପିଲା କେବଳ ଭାତ, ଡାଲି, ଖଟା। କୃଷପ୍ରସାଦ ବ୍ଲକ୍ ରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ସ୍ଥାୟୀ ଭରକ୍ଟ ଅଧିକରୀ ନିଯୁକ୍ତ ହୋଇପାରୁନାହାନ୍ତି।

ଗଜପତି ରେ ବାତ୍ୟା ପରେ ପଶୁଚିକିତ୍ସା ଶିବିର ଅନୁଷ୍ଠିତ

ଗଜପତି(ମହାଭାରତ): ବାତ୍ୟା ପରବର୍ତ୍ତୀ ସମୟରେ ଗୃହପାଳିତ ପଶୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ବ୍ଲକରେ ପଶୁ ଚିକିତ୍ସା ଶିବିର ଆୟୋଜନ। ବାତ୍ୟା ପରବର୍ତ୍ତୀ ସମୟରେ ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକରେ ପଶୁ ଚିକିତ୍ସା ଶିବିର ଆୟୋଜନ କରାଯାଉଛି।

ଏହି ଶିବିରରେ ପଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଚିକିତ୍ସା ଓ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ପଶୁଧନର ସୁରକ୍ଷା ସହ ଚାଷୀମାନଙ୍କ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି।

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୧୦ ହଜାର ଟଙ୍କା ଓ ସୁନାଚେନ୍ ଲୁଟ୍, ଜଣେ ଗିରଫ

କାକଟପୁର (ମହାଭାରତ) :ପୁରୀ ଜିଲ୍ଲାର କାକଟପୁର ଥାନା ଅଞ୍ଚଳରେ ଗାଡ଼ି ଅଟକାଇ ଦୁଇ ଭାଇଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ନଗଦ ଟଙ୍କା ଓ ସୁନାଚେନ୍ ଲୁଟ୍ ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାକଟପୁର ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତର ସଂଢ଼ାସ ଗ୍ରାମର ବାଇଧର ବେହେରାଙ୍କ ପୁଅ କୁଲୁ ବେହେରା (୪୨)। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜେଲ୍ ହାଜତକୁ ପଠାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। କାକଟପୁର ପୁଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୧୦ ମିନିଟ୍ ସମୟରେ କାକଟପୁର ମେଡିକାଲ ଛକରେ ଥିବା ରମେଶ ପାତ୍ର ମିଷ୍ଟାନ୍ନ ଭଣ୍ଡାର ର ମାଲିକ ଶିବପ୍ରସାଦ ପାତ୍ର (୪୪) ଓ ତାଙ୍କ ସାନଭାଇ ଜ୍ୟୋତିରଞ୍ଜନ ପାତ୍ର ମାରୁତି କାରରେ ଛେନା ସଂଗ୍ରହ କରି ଫେରୁଥିଲେ। ଏହି ସମୟରେ କିଛି ଲୋକ ସେମାନଙ୍କ କାରକୁ ଅଟକାଇ ଜୋରଜବରଦସ୍ତ ଗାଡ଼ିରୁ ବାହାର କରିଥିଲେ। ପରେ ଠେଙ୍ଗା, ଲାଠି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଉଭୟ ଭାଇ ଗୁରୁତର ଆହତ ହୋଇଥିଲେ।ଏଥିସହ ଅଭିଯୁକ୍ତମାନେ ଶିବପ୍ରସାଦଙ୍କ ପକେଟରୁ ୧୦ ହଜାର ଟଙ୍କା ଓ ବେକରୁ ଗୋଟିଏ ସୁନାଚେନ୍ ଛଡ଼ାଇ ନେବା ସହ କାରଟିକୁ ଭଙ୍ଗାରୁଜା କରିଥିବା ଏବଂ ସଂଗୃହୀତ ପ୍ରାୟ ୪ କୁଇଣ୍ଟାଲ ଛେନାକୁ ମୁଖ୍ୟ ରାସ୍ତାରେ ଫିଙ୍ଗି ଦେଇଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଶିବପ୍ରସାଦ ପାତ୍ର ଗତ ୨୪ ତାରିଖରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ,ଅଭିଯୋଗ ଆଧାରରେ କାକଟପୁର ଥାନା ପୁଲିସ କେସ୍ ନଂ୩୮/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ କୁଲୁ ବେହେରାଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

କଳରାପତରିଆ ବାଘ ଶିକାରୀ ଗ୍ୟାଙ୍ଗ ଧରାପଡ଼ିଲା

ଦୁଇଟି ବାଘଛାଲ ସହ ମାରଣାସ୍ତ୍ର ଜବତ, ୭ ଗିରଫ

ଥୁଆମୂଳ ରାମପୁର, (ମହାଭାରତ) : କଳାହାଣ୍ଡି ଜିଲ୍ଲାରେ ବନ୍ୟଜନ୍ତୁ ଶିକାରୀଙ୍କ ବିରୋଧରେ ବନ ବିଭାଗର ବଡ଼ କାର୍ଯ୍ୟାନୁଷ୍ଠାନ। ଥୁଆମୂଳ ରାମପୁର ବନାଞ୍ଚଳର ସାଇସୁରନି ରେଞ୍ଜ ଅନ୍ତର୍ଗତ ତଳଆମପଦର ଗାଁରେ ଚଢ଼ାଉ କରି ଦୁଇଟି କଳରାପତରିଆ ବାଘଛାଲ ସମେତ ନଖ, ଦାନ୍ତ, ହାଡ଼ ଓ ବହୁ ମାରଣାସ୍ତ୍ର ଜବତ କରିଛି ବନ ବିଭାଗ। ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଶିକାରୀ ଗ୍ୟାଙ୍ଗ ଉପରେ ଦୀର୍ଘ ଦୁଇ ମାସ ଧରି ନଜର ରଖିଥିଲା ବନ ବିଭାଗ। ଗତ ୨୮ ତାରିଖରେ ଏସିଏଫ୍ ପ୍ରଫୁଲ୍ଲ କୁମାର ଧରୁଆ, ଭାରପ୍ରାପ୍ତ ରେଞ୍ଜର ତ୍ରିନାଥ ସେଠୀ ଓ ଫରେଷ୍ଟର ନିହାର ରଞ୍ଜନ ଠାକୁରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଦୁଇଟି ବାଘଛାଲ, ନଖ, ଦାନ୍ତ, ହାଡ଼, ଗୋଟିଏ ଦେଶୀ ବନ୍ଧୁକ, ୨୦୬ଟି ଛେରା ଗୁଳି, ବାରୁଦ, ଧନୁତୀର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିସହ ଏକ ଜୀବନ୍ତ ବଣୁଆ ବାରହା ଓ ଗୋଧିର ମୁଣ୍ଡ ମଧ୍ୟ ଉଦ୍ଧାର କରାଯାଇଛି।ଗିରଫ ୭ ଜଣ ହେଲେ କୁମୁଦ ରାଉତ, ତରଙ୍ଗ ପାତ୍ର, ସନ୍ତୋଷ କୁମାର ଜାଲ, ଅର୍ଜୁନ ମାଝୀ, ନୀଳକଣ୍ଠ ସାହୁ, ଆନନ୍ଦ ମାଝୀ ଓ ଲେଲି ମାଝୀ। ଅଭିଯୁକ୍ତମାନେ ପ୍ରାୟ ଛଅ ମାସ ପୂର୍ବରୁ ଦୁଇଟି କଳରାପତରିଆ ବାଘ ଶିକାର କରି ବାଘଛାଲ ବିକ୍ରି ପାଇଁ ଅପେକ୍ଷା କରିଥିବା ସୂଚନା ମିଳିଛି।ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ ପରେ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅନ୍ୟପଟେ ଆଉ କିଛି ସନ୍ଦିଗ୍ଧ ଫେରାର ଥିବାରୁ ବନ ବିଭାଗର ତଦନ୍ତ ଜାରି ରହିଛି। ବନ୍ୟଜନ୍ତୁ ସୁରକ୍ଷା ପାଇଁ କଠୋର ଆଇନ ଥିବା ସତ୍ତ୍ୱେ ଏଭଳି ଶିକାର ଘଟଣା ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନେଇ ପୁଣି ପ୍ରଶ୍ନ ଉଠାଇଛି।

ଚାଷୀଙ୍କୁ ପି ଏମ୍ କିଷାନ ସହାୟତା ରାଶି ପ୍ରଦାନ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିର୍ଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପି ଏମ୍ କିଷାନ ଉତ୍ସବ ଦିବସ ୨୦୨୬ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଡେକ, ସହକାରୀ କୃଷି ଉଦ୍ୟାନ ଉପ ନିର୍ଦ୍ଦେଶକ ଶଶାଙ୍କ ଶେଖର ସାହୁ,କୃଷି ବୈଜ୍ଞାନିକ ସଂଗ୍ରାମ ପରମଗୁରୁ, ଉଦ୍ୟାନ ବିଭାଗ ବୈଜ୍ଞାନିକ ସୁଶ୍ରୀ ଚୌଧୁରୀ, ସହକାରୀ ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚ।ସିନ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।ପି ଏମ୍ କିଷାନ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ ଗୁଜୁରାଟର ବନାସ କଣ୍ଠ ରୁ କରାଯାଇଥିଲା।ଏହି ସହାୟତା ରାଶି ପାଇବା ପରେ ଚାଷୀ ଏହି ସହାୟତା ଅର୍ଥ ରାଶି ନିଜର ଚାଷ କାମରେ ଲଗାଇବେ।ଗଜପତି ଜିଲ୍ଲାର ୪୩ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଙ୍କୁ ୨୪ ତମ କିସ୍ତି ୮ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ହସ୍ତାନ୍ତର କରାଯାଇଛି।

ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଅଭିଯାନ ୨୦୨୬ ସଚେତନତା କାର୍ଯ୍ୟକ୍ରମ

କଳାହାଣ୍ଡି/ମହାଭାରତ: ଆଜି ଶ୍ରମ ବିଭାଗ, କଳାହାଣ୍ଡି ପକ୍ଷରୁ ଜିଲ୍ଲାବ୍ୟାପୀ ସଚେତନତା ଅଭିଯାନ 'ପାଲା/ଘୁମୁରା ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କଳାହାଣ୍ଡିଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, କଳାହାଣ୍ଡିର ଅଧିକାରୀ ଓ କର୍ମଚାରୀବୃନ୍ଦ, ଶିଶୁ ମଙ୍ଗଳ ସମିତି ର ଅଧକ୍ଷ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।ଶିଶୁ ଶ୍ରମିକ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ଅଭିଯାନର ଏକ ଅଂଶ ଭାବେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପାଞ୍ଚ ଜଣିଆ ସାଂସ୍କୃତିକ ଦଳ ପ୍ରତ୍ୟେକ ବ୍ଲକ୍‌ରେ ଦୈନିକ ପାଞ୍ଚଟି ସ୍ଥାନ ପରିଦର୍ଶନ କରିବେ ଏବଂ ପ୍ରତ୍ୟେକ ସ୍ଥାନରେ ୩୦ ମିନିଟ୍‌ର ଏକ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିବେ।

ଥାନା ପକ୍ଷରୁ ଓଡ଼ଗାଁ ଓ ଶରଣକୁଳରେ ନିଶାମୁକ୍ତ ଓଡିଶା ଅଭିଯାନ

ଓଡ଼ଗାଁ,(ମହାଭାରତ):ଶରଣକୁଳ ଥାନା ପକ୍ଷରୁ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ପିଏମଶ୍ରୀ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।ନିଶା ସମସ୍ତ ଯୁବପିଢ଼ି ଓ ଅନେକ ବ୍ୟକ୍ତିଙ୍କୁ କବଳିତ କରି ରଖିଛି। ନିଶା ସେବନ କରି ଲୋକମାନେ କେବଳ ବିଭିନ୍ନ ରୋଗର ଶିକାର ହେଉଛନ୍ତି ତାହା ନୁହଁ ଅଧିକାଂଶ ପରିବାର ଉଜୁଡି ଯାଉଛି ବୋଲି ଶରଣକୁଳ ଥାନା ଅଧିକାରୀ ଅନିତା ସାହୁ ସମସ୍ତଙ୍କୁ ସଚେତନ କରିଥିଲେ। ଏହା ସହିତ ନିଶାର କୁପ୍ରଭାବ ସମାଜରେ ତାହା କିଭଳି କ୍ଷତି ସାଧନ କରୁଛି ସେ ସମ୍ପର୍କରେ ଅବଗତ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ତାରାକାନ୍ତ ପଟ୍ଟନାୟକ,ପ୍ରଧାନଶିକ୍ଷୟତ୍ରୀ ଜ୍ୟୋସ୍ନା ମାରାଣ୍ଡି,ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁଶାନ୍ତ କୁମାର ଜେନା,ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବରାଡ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା,ଚିତ୍ରାଙ୍କନ ପ୍ରତିଯୋଗିତା କରାଯଇଥିଲା।ସେହିଭଳି ଓଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ନିଶା ସେବନର କୁପ୍ରଭାବ ଓ ଜାତୀୟ ଏକତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ,ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଛି।ଓଡ଼ଗାଁ ଆଦର୍ଶ ଥାନା ତରଫରୁ କୋମଣ୍ଡ ଉଚ୍ଚ ବିଦ୍ୟାଳୟରେ ଏକତା ଦିବସ ଓ ନିଶା ନିବାରଣ ସଚେତନତା ଅନୁଷ୍ଠିତ ହୋଇଯାଇଛି ।ଥାନା ସବଇନସ୍ପେକ୍ଟର ଚକ୍ରଧର ସିଂ ୧୧୨ ଇଣ୍ଡିଆ ପୁଲିସ ଆପ୍ ର ଉପକାରିତା କଥା ଦର୍ଶାଇଥିଲେ । କିପରି ଏହି ଆପ ଡାଉନଲୋଡ କରି ଏଥିରେ ଥିବା ବିଭିନ୍ନ ଆଇକନ ବ୍ୟବହାର କରିହେବ ତାହା ଶିଶୁ, ବୟସ୍କ ତଥା ମହିଳାମାନଙ୍କ ପାଇଁ ଉପଯୋଗୀ ହେବ ସେ ସମ୍ପର୍କରେ ବୁଝାଇଥିଲେ।ଟ୍ରାକିଙ୍ଗ ଏବଂ ଏସଓଏସ କିପରି ଓ କେଉଁ ପରିସ୍ଥିତିରେ ବ୍ୟବହାର କରିହେବ ତା ଉପରେ ସମସ୍ତଙ୍କୁ ସଚେତନ କରିଥିଲେ।ବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି ଆପ ଡାଉନଲୋଡ କରି ନିଜେ ପରୀକ୍ଷା କରିଥିଲେ।ଶ୍ରୀ ସିଂ ଛାତ୍ରଛାତ୍ରୀଙ୍କୁ ଘରେ ଡାଉନଲୋଡ କରି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସନ୍ତୋଷ କୁମାର ସେଠୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଗଜଲକ୍ଷ୍ମୀ ପୂଜା ଅବସରରେ ମାଆଙ୍କ ଚୁଡ଼ି ବଣ୍ଟନ ଓ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରି ସାହି ଛକରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଅଛି।ଏହି ପୂଜା ଦୀର୍ଘ ୪୨ବର୍ଷ ହେଲା ଅନୁଷ୍ଠିତ ହେଉଅଛି।ସକାଳ ସମୟରେ ମାଆଙ୍କ ଆଳତୀ,ହୋମ ଓ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଉଛି। ସନ୍ଧ୍ୟା ଆଳତୀ ଦର୍ଶନ କରି ମାଆଙ୍କ ଆଶିଷ ନେବାକୁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହେଉଛି।ଗଜଲକ୍ଷ୍ମୀ ପୂଜା ଅବସରରେ ଗୁରୁବାର ସନ୍ଧ୍ୟା ସମୟରେ ଦୀପ ଯଜ୍ଞ, ଓ ମାଆଙ୍କ ନିକଟରେ ଚୁଡି ସିନ୍ଦୂର ପ୍ରଦାନର ବ୍ୟବସ୍ଥା କରାଯାଇଛି।

୩୬ କେଜି ଗଞ୍ଜେଇ ସହ କାର୍ ଜବତ: ୨ ଗିରଫ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହା ସହିତ ଚୋରା ଚାଲାଣରେ ବ୍ୟବହୃତ ଏକ ଦାମୀ ମହିନ୍ଦ୍ରା ଏକ୍ସ ୟୁ ଭି ୫୦୦ କାର୍ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ଦଶପଲ୍ଲା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଟୋଲ୍ ଗେଟ୍ ନିକଟରେ ସକାଳ ପ୍ରାୟ ୮.୦୦ ଘଟିକା ସମୟରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ସନ୍ଦିଗ୍ଧ ମହିନ୍ଦ୍ରା ଏକ୍ସ ୟୁ ଭି ୫୦୦ କାର୍ ନଂ ଓଡି ୧୪ ଏ ୦୯୯୦ କୁ ଅଟକାଇ ତଲାସି ନେବା ପରେ ସେଥିରୁ ପ୍ରାୟ ୩୬ କିଲୋଗ୍ରାମ ଗଞ୍ଜେଇ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅଧୀନ ପାଣିକଟା ଗ୍ରାମର ଶରତ କୁମାର ପଣ୍ଡାଙ୍କ ପୁଅ ରାହୁଲ କୁମାର ପଣ୍ଡା (୨୭) ଏବଂ ସ୍ୱର୍ଗତ ଶରତ ଚନ୍ଦ୍ର ପଣ୍ଡାଙ୍କ ପୁଅ ବ୍ରହ୍ମାନନ୍ଦ ସ୍ୱାଇଁ (୨୮)ଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢ଼ାଉରେ କନଷ୍ଟେବଲ୍ ପ୍ରଦୀପ କୁମାର ନାୟକ ଏବଂ ପ୍ରହ୍ଲାଦ ପ୍ରଧାନ ସାମିଲ ଥିଲେ। ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ତ୍ରିଲୋଚନ ମହାନ୍ତିଙ୍କ ଗୁଳିକାଣ୍ଡ ମାମଲା: ୯ ହତ୍ୟାକାରୀ ଗିରଫ

ପାଟଣା:-(ମହାଭାରତ) ଏକ ମାସ ତଳେ ବ୍ୟବସାୟିକ ତ୍ରିଲୋଚନ ମହାନ୍ତ ଙ୍କ ଗୁଳକାଣ୍ଡ ହତ୍ୟାକାରୀ ଙ୍କୁ ୯ଜଣ ପୋଲିସ ଗିରଫ କରିଛି। ସୂଚନା ରୁ ପ୍ରକାଶ ୨୮ ସେପଟେମ୍ବର ରେ ରାତି ଖୁଣ୍ଟାପଡ଼ା ଜଙ୍ଗଲ ନିକଟରେ ବ୍ୟାବସାୟିକ ତ୍ରିଲୋଚନ ମହାନ୍ତ ଙ୍କୁ ଗୁଳିକରି ହତ୍ୟା କରି ଘଟଣାସ୍ଥଳ ରୁ ଟଙ୍କା, ଲାପଟପ ନେଇ ଅଭିଯୁକ୍ତ ମାନେ ଫେରାର ଘଟଣା କୁ ଏକା ହେବାକୁ ଥିବା ବେଳେ କେନ୍ଦୁଝର ଏସପି ନୀତିନ୍ କୁଶଲ କର ଦାଗୁଡୁ ଙ୍କ ନିର୍ଦ୍ଦେଶ କ୍ରମେ ୯ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଥିବା ବେଳେ ୩ଜଣ ନାବାଳକ ରହିଥିବା ଜଣାପଡି ଛି। ପୋଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୫ଜଣ ଅଭିଯୁକ୍ତ ଙ୍କୁ ଘଟଣାସ୍ଥ କୁ ଆଣି ଘଟଣା ର ସ୍ୱଷ୍ଟତା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍କ୍ରିନ୍ କ୍ରେସ୍ନ କରାଯାଇ ଛି। ଅଭିଯୁକ୍ତ ମାନଙ୍କୁ ଦେଖିବାକୁ ସ୍ଥାନୀୟ ଲୋକ ଙ୍କ ଭିଡ ଦେଖିବାକୁ ମିଳି ଥିବା ବେଳେ

ଏପଟେ ଏସପି ଙ୍କ ବଡ ଘୋଷଣା ଏପରି ଅପରାଧ ଘଟାଉ ଥିବା ଅପରାଧୀ ଯଦି ପାତାଳ ରେ ଲୁଚି ରହେ କେନ୍ଦୁଝର ପୋଲିସ ତାକୁ ଖୋଜି ବାହାର କରି ଦଣ୍ଡ ଦେବ । ଅପରାଧୀ ପୁର୍ନବାର ଅପରାଧ ଘଟାଇ ବାକୁ ସାହାସ କରିବ ନାହିଁ। ଏପଟେ ମୃତ ତ୍ରିଲୋଚନ ମହାନ୍ତ ଙ୍କ ମାଆ ଦୋଷୀ କୁ ଫାଶୀଦଣ୍ଡ ଦେବାକୁ ପ୍ରକାଶ କରିଥିବା ବେଳେ ଅଭିଯୁକ୍ତ ଙ୍କୁ ପୋଲିସ ଗିରଫ କରିଥିବା ସଫଳ ହୋଇ ଥିବା ରୁ ଅଞ୍ଚଳ ବାସୀ ଅଭିଯୁକ୍ତ ମାନଙ୍କୁ ଫାଶୀ ଦଣ୍ଡ ଦେବା ସହିତ ହତ୍ୟା ଘଟଣା ସ୍ଥଳରେ ଏକ ପୋଲିସ ଫାଣ୍ଡି ସ୍ଥାପନ ସହ ରାତି ରେ ପୋଲିସ ପେଟ୍ରାଲିଂ ଦାବି କରିଛନ୍ତି। ଏହି ଅଭିଯାନ ରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତୁଶ ମହାପାତ୍ର, ସେହ୍ନାଶୀ ସାହୁ, ଚମ୍ପୁଆ ଉପଖଣ୍ଡ ପୋଲିସ ଅଧିକାରୀ ରଶ୍ମି ରଞ୍ଜନ ସାହୁ, ବାରିଆ ଥାନା ଅଧିକାରୀ ମୁକୁନ୍ଦ ଦେବ ନାଏକ,ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ତଥା ଶାନ୍ତି ଶୃଙ୍ଖଳା କୁ ଦୃଷ୍ଟି ରେ ରଖି ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଘଟଣା ସ୍ଥଳ ମୁତୟନ ଥିଲେ।

ଏନ୍‌ଏସିକୁ ପାଣି ଯୋଗାଇ କ୍ଷତି ସହୁଛି ଜନସ୍ୱାସ୍ଥ୍ୟ ବିଭାଗ : ୨ବର୍ଷରେ ୧୦ ଲକ୍ଷ ବକେୟା ଗଡୁଛି

ଓଡ଼ଗାଁ, (ମହାଭାରତ) : ରାଜ୍ୟ ସରକାର ଓଡ଼ଗାଁ ଏନ୍‌ଏସିର ୧୫ଟି ୱାର୍ଡ଼କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିଛନ୍ତି। ସରକାର ୩୦ କୋଟି ଟଙ୍କା ବ୍ୟୟରେ ବୁଢାବୁଢିଆଣୀ ଜଳଭଣ୍ଡାରରୁ ଦୈ?ନିକ ୧୨ହଜାର ଲିଟର ପିଇବାପାଣି ଓଡ଼ଗାଁ ଏନ୍‌ଏସିକୁ ଯୋଗାଣ କରିବାରେ ସମର୍ଥ ହୋଇଛନ୍ତି।ବୁଢାବୁଢିଆଣୀରୁ ପାଣି ଆସି ରଗଡ଼ିସାହି ଠାରେ ଫିଲଟରିଂ କରି ପ୍ରତି ଘରକୁ ଟ୍ୟାପ୍ ଯୋଗେ ପାଣି ଦିଆଯାଉଛି।କିନ୍ତୁ ୨ବର୍ଷରେ ୧୦ ଲକ୍ଷ ଟଙ୍କା ଉପଭୋକ୍ତାଙ୍କ ଉପରେ ବକେୟା ଗଡୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ ଓଡ଼ଗାଁ ଏନ୍‌ଏସିକୁ ପିଇବାପାଣି ଯୋଗାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଜନା କାର୍ଯ୍ୟକାରୀ କରାଗଲା। ଏନ୍‌ଏସିରେ ମୋଟ ୨୯୮୦ ଜଣଙ୍କୁ କନେକ୍ସନ ଦିଆଯାଇଥିବା ବେଳେ ୨୨୪୩ ଜଣ ଉପଭୋକ୍ତା ଘରକୁ ଟ୍ୟାପ୍ ଯୋଗେ ପାଣି ନେଇଛନ୍ତି।ପାଣି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମିଟର ଲଗାଯାଇ ରିଡିଂ ପ୍ରତିମାସରେ ନିଆଯାଉଛି।ୟୁନିଟ୍ ପିଛା ଗ୍ରାହକ ୬.୭୫ ପଇସା ହିସାବରେ ଜନସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିବେ।ଯେଉଁ ଗ୍ରାହକ ଯେତିକି ପାଣି ବ୍ୟବହାର କରିବ,ମିଟର ରିଡିଂ ଅନୁଯାୟୀ ଟଙ୍କା ପୈଠକରିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଏବେ ୫ଶହ ଉପଭୋକ୍ତାଙ୍କ ଉପରେ ପାଖାପାଖି ୧୦ ଲକ୍ଷ ଟଙ୍କା ପାଣିବିଲ ଗଡୁଥିବା ଜଣାପଡ଼ିଛି। ଜଳସାଥୀମାନେ ଘରକୁଘର ବୁଲି ମିଟର ରିଡିଂ କରିବା ସହିତ ବିଲ ଆଦାୟ କରୁଛନ୍ତି।କିନ୍ତୁ ବିଲ ଦେବାକୁ ଉପଭୋକ୍ତାମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକ କ୍ଷତି ସହୁଥିବା ଯନ୍ତ୍ରୀ ବିନୋଦ ଜେନା ସୂଚନା ଦେଇଛନ୍ତି। ରଗଡ଼ିସାହିରୁ ପାଣି ଫିଲଟରିଂ କରି ଦୁଇଟି ପଦ୍ଧତିରେ ବିଶୋଧନ କରାଯିବା ସହିତ ବିଭିନ୍ନ ପନ୍ଥା ଆପଣାଇବାକୁ ପଡୁଛି।ଏହାସହିତ ବିଦ୍ୟୁତ୍ କାଟ ହେଲେ ଜେନେରେଟର ବ୍ୟବହାର ପାଇଁ ଘଣ୍ଟାକୁ ୨୦ ଲିଟର ଡ଼ିଜେଲ ଖର୍ଚ୍ଚ ହୋଇଥାଏ। ରଗଡ଼ିସାହିରୁ ପାଣି ଭାଲୁମୁଣ୍ଡିଆ ପାହାଡ଼ ଉପରେ ଥିବା ଟ୍ୟାଙ୍କରେ ଗଛିତହୁଏ ଓ ସେଠାରୁ ଏନ୍‌ଏସିବାସୀଙ୍କୁ ପାଣି ଦିଆଯାଇଥାଏ ବୋଲି ଯନ୍ତ୍ରୀ କହିଛନ୍ତି।ତେଣୁ ସମସ୍ତ ଉପଭୋକ୍ତା ନିୟମିତ ବିଲ ପୈଠ କରିବାକୁ ସେ ଅନୁରୋଧ କରିଛନ୍ତି। ନଚେତ ଆଗାମୀ ଦିନରେ କନେକ୍ସନ କଟାଯିବ ଓ ଧୀରେ ଧୀରେ ପାଣି ଯୋଗାଣରେ ବାଧା ଉପୁଜିବା ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ସ୍ପଷ୍ଟ କରିଛନ୍ତି।

କୁମୁଲିରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏଟିଏମ୍ ଉଦଘାଟିତ

ବୋରିଗୁମ୍ମା, (ମାଭାରତ) : କୁମୁଲି ଅଞ୍ଚଳବାସୀଙ୍କ ପାଇଁ ଖୁସି ଖବର। ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲିଠାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) କୋରାପୁଟ ଜୋନ୍ ?ର ପ୍ରଥମ ଏଟିଏମ୍ ଉଦଘାଟିତ ହୋଇଛି। ଏହାଦ୍ୱାରା କୁମୁଲି ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ଏଣିକି ଟଙ୍କା ଉଠାଣ ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। କୁମୁଲି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଶୋଭିତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାରୋହରେ ବି. ସିଂହପୁର ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଏଟିଏମ୍ ?କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଏଟିଏମ୍ ସ୍ଥାପନ ଦ୍ୱାରା ଅଞ୍ଚଳବାସୀ ନିଜ ନିକଟରେ ବ୍ୟାଙ୍କିଂ ସେବାର ସୁବିଧା ପାଇପାରିବେ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମରେ ବ୍ୟାଙ୍କର ବି ସିଂହପୁର ଥାନା ଏସ ଆଇ ସୁରଜ ପ୍ରଧାନ ,ଏ ଏସ ଆଇ ମହେନ୍ଦ୍ର ଗରଡ଼ା,କ୍ୟାସିୟର ଲିଙ୍ଗରାଜ ନାୟକ, କୁମୁଲି ପଞ୍ଚାୟତର ସରପଞ୍ଚ ପାର୍ବତୀ ଜାନି, ସିଏସ୍ ?ପି ସନ୍ତୋଷ କୁମାର ହୋତାଙ୍କ ସମେତ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ଅମୂଲ୍ୟ ହୋତା, ପ୍ରଦୀପ ହୋତା, ପୁରୁଷୋତ୍ତମ ଷଡ଼ଙ୍ଗୀ, ରାମନାଥ ଶତପଥୀ, ରାମନାଥ ଷଡ଼ଙ୍ଗୀ, ସିମାଞ୍ଚଳ ହୋତା, ତାରିଣୀ ଚରଣ ପଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। କୁମୁଲିଠାରେ ଏଟିଏମ୍ ସେବା ଆରମ୍ଭ ହେବା ଫଳରେ ଅଞ୍ଚଳର ଆର୍ଥିକ କାରବାର ଅଧିକ ସହଜ ଓ ସୁବିଧାଜନକ ହେବା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର ପରିସର ବୃଦ୍ଧି ପାଇବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

ନଭେମ୍ବର ୧ ରେ ଦିଲ୍ଲୀ ଚଲୋ ଅଭିଯାନ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଟାଉନ ହଲ ରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଭୋଟଚୋରୀ କୁନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀ ରେ ଏଆଇସିସି ପର୍ଯ୍ୟବେକ୍ଷକ ମନୋଜ ରାଜାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେପି ର ଭୋଟ ଚୋରୀ ଉପରେ ନିଜ ମତାମତ ରଖିଥିଲେ ।ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଙ୍କ ବିରୋଧ ରେ ନିର୍ବାଚନ ପ୍ରକ୍ରିୟା ରେ ଭୋଟଚୋରୀ ଏବଂ ଦେଶବାସୀ ଙ୍କୁ ଭ୍ରମିତ କରିବା ଅଭିଯୋଗ ଆଣିଥିବା ବେଳେ ନାଗରିକଙ୍କ ମତଦାନ ଅଧିକାର ସୁରକ୍ଷା କୁନେଇ ଦେଶ ର ଯୁବପିଢ଼ି ଙ୍କୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ ।ଏହିଭଳି ଘଟଣା ଗଣତନ୍ତ୍ର ପାଇଁ ଚିନ୍ତାଜନକ ବୋଲି କହିବା ସହ ଦେଶ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ନାଗରିକ ଙ୍କ ମତଦାନ ଅଧିକାର ଙ୍କୁ ସୁରକ୍ଷା ଦେବାପାଇଁ ନଭେମ୍ବର ୧ ରେ ଦିଲ୍ଲୀ ଚଲୋ ବୋଲି ଯୁବପିଢ଼ି ଙ୍କୁ ଆହ୍ୱାନ ଦେଇଥିଲେ ।ସେହିପରି ନଭେମ୍ବର ୧ ରେ ରାହୁଲ ଗାନ୍ଧୀ ଙ୍କ ଆହ୍ୱାନ କ୍ରମେ ଦିଲ୍ଲୀ ଚଲୋ ଆୟୋଜିତ କାର୍ଯ୍ୟକ୍ରମ ରେ ହଜାର ହଜାର ସଂଖ୍ୟାରେ ଦେଶ ର ଯୁବପିଢ଼ି ଦିଲ୍ଲୀ ଯାତ୍ରା ଙ୍କୁ ସଫଳ ମଣ୍ଡିତ କରିବା ପାଇଁ ଅନୁରୋଧ କରିଥିଲେ ।ଏହି ସମ୍ମିଳନୀ ରେ ଜିଲ୍ଲା ସଭାପତି ଜଳନ୍ଧର ନାଏକ,ଜିଲ୍ଲା ଉପସଭାପତି ଧନୁର୍ଦ୍ଧର ଗହୀର,ପୂର୍ବତନ ବିଧାୟକ ଭାରତ ବେମାଲ,ଦ୍ରୌପଦୀ ମାଝୀ,ଇନ୍ଦ୍ରଜିତ ମହାଖୁଡ଼, ସୁଭାଷ ପ୍ରଧାନ, ମାଣିକ୍ୟ ସୁନା, ପ୍ରଗତି ନାୟକ, ସୁକାନ୍ତ ବିଶି, ଲିଙ୍ଗରାଜ ନାଏକ, ରମେଶ କୁମ୍ଭାର, ସିଦ୍ଧାର୍ଥ ନାଏକ, ତୁଳେଶ୍ୱର ନାଏକ,ଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ କଂଗ୍ରେସ କର୍ମୀ ଏବଂ ବ୍ଲକ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

ଭବ୍ୟ କଳସ ଯାତ୍ରା ସହ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଆରମ୍ଭ.

ଲାଞ୍ଜିଗଡ, (ମହାଭାରତ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ପାହାଡ଼ପଦର ପଞ୍ଚାୟତ ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ପାଇଁ ଭବ୍ୟକଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଠାରୁ ଶନିବାର ପର୍ଯ୍ୟନ୍ତ ଦୁଇ ଦିନଧରି ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ଦିନରେ ବିଶମୁଣ୍ଡ ବୁଢ଼ାରଜାଙ୍କ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ହଜାର ହଜାର ମହିଳା ଓ ଆବାଳବୃଦ୍ଧବନିତା କଳସ ଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ କାଳରୁ ଲୋକଙ୍କ ବିଶ୍ୱାସଯେ'ପ୍ରଭୁ ବିଶମୁଣ୍ଡ ବୁଢ଼ା ରଜାଙ୍କ ପାଖରେ ଯାହାବି ମାନସୀକ କରାଯାଇଥାଏ ତାହା ପୂର୍ଣ ହୋଇ ଥାଏ ବୋଲି ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ପାହାଡ଼ପଦର ବୁଢ଼ାରଜା ପୂଜାକମିଟି ଆନୁକୂଲ୍ୟରେ ହେଉଥିବା ଚଳିତ ବର୍ଷପୂଜା ଶୁକ୍ରବାର ପ୍ରାରମ୍ଭ ହୋଇ ଶନିବାର ଦିନରେ ପୂର୍ଣ୍ଣାହୁତି ହେବ। ପୂଜା ପାଇଁ ଗାଁ ତଥା ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଉତ୍ସବମୁଖର ଦେଖିବାକୁ ମିଳିଥିଲା ।ବିଶମୁଣ୍ଡ ବୁଢାରଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ମୁଖ୍ୟ ଅଥିତି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗଦେଇଥିଲେ।ଏହି ଉତ୍ସବ ଦୁଇଦିନ ଧରି ହେଉଥିବା ବେଳେ ପ୍ରତ୍ୟେକ ଦିନ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗୀତିନାଟ୍ୟ, ରେକର୍ଡ ଡ୍ୟାନ୍ସ,ଭଳି ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ମନ୍ଦିର ମୁଖ୍ୟ ପୂଜକ ବୁଦ୍ଧୁ ନାଏକ, ଭୀମ ମାଝୀ,ମାନ ମାଝୀ, ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ବେଳେ ଏଥିରେ ପୂଜା କମିଟିର ଉପ ସଭାପତି କୁମର ନାଏକ,ସମ୍ପାଦକ ବଳଭଦ୍ର ସାହୁ,ସହ ସମ୍ପାଦକ ପ୍ରସାଦ ନାଏକ ଉପଦେଷ୍ଟା ନୀଳାମ୍ବର ସାହୁ, ମଧୁସୂଦନ ନାଏକ, ଭାସ୍କର ସାହୁ,ମାଧବ ବାଗ,ମାରଭାଡି ନାଏକ, ବୈଦ୍ୟନାଥ ନାଏକ,ପୂଜା କମିଟି ସଦସ୍ୟ ଲକ୍ଷ୍ମଣ ମାଝୀ, ଜଗଦୀଶ ପୁଟା, ଲୋକନାଥ ମାଝୀ, ତରଙ୍ଗ ନାଏକ, ଲିଙ୍ଗରାଜ ଦୁର୍ଗା, ମହାଦେବ ନାଏକ, ବନମାଳୀ ମାଝୀ,ସଞ୍ଜୟ ମାଝୀ, ଚନ୍ଦ୍ର ମାଝୀ, ନକ୍ଷତ୍ର ନାଏକ, ନାଳବୀର ନାଏକ, ହୀରାଲାଲ ବେହେରା, କୁଞ୍ଜ ମାଝୀ, ମଦନ ବେନିଆଁ, ଗୌରାଙ୍ଗ ନାଏକ, ବନ ମାଝୀ, ମହେଶ୍ୱର ନାଏକ,ରାମ ମାଝୀ,ଦିଲ୍ଲୀପ ନାଏକ,ସମେତ ବୁଢ଼ାରଜା ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

କୁସୁମୀ ନଦୀରେ ବନ୍ୟାଜଳ ଭସାଇନେଲା ହୋମ ପାଇପ୍

ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ସଦରମହକୁମାରୁ ବାହାଡ଼ାଝୋଲା ରାସ୍ତାର କୁସୁମୀ ନଦୀରେ ବନ୍ୟାଜଳ ଆସି ହୋମ ପାଇପ୍ ଭସାଇ ନେଇଥିବା ଜଣାପଡ଼ିଛି ।ତେବେ ଠିକାଦାରର ମନମାନି ପାଇଁ ପୋଲ ନିର୍ମାଣରେ ବାଧା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ ଓଡ଼ଗାଁ – ବାହାଡ଼ାଝୋଲା ରାସ୍ତାଦେଇ କୁସୁମୀ ନଦୀ ପ୍ରବାହିତ ହେଉଛି ।ଦୀର୍ଘ ବର୍ଷର ପୋଲ ନଷ୍ଟ ହୋଇଯିବାରୁ ନୂତନ ପୋଲ ନିର୍ମାଣ କରିବାକୁ ଗତ ସରକାର ୮ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରିଛନ୍ତି ।ଅନୁଦାନ ମଞ୍ଜୁର ହେବାର ସାଢେ ୩ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ ଠିକାଦାର ଦିନପରେ ଦିନ ଗଡ଼ାଇ ଚାଲିଥିବାରୁ ପୋଲ ନିର୍ମାଣ ହୋଇପାରିନାହିଁ। ଗତବର୍ଷ ଠିକାଦାର ଆସି ଡ଼ାଇଭର୍ସନ ରାସ୍ତା ନିର୍ମାଣ କରି ଛୁ ମାରିଥିଲା ।ଗତ ୩ମାସ ତଳେ ନଦୀରେ ବନ୍ୟାଜଳ ଆସି ସେହି ଡ଼ାଇଭର୍ସନ ରାସ୍ତାକୁ ଧୋଇ ନେଇଯାଇଥିବା ବେଳେ ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଡ଼ାଇଭର୍ସନ ପାଇଁ ପଡ଼ିଥିବା ହୋମ ପାଇପ୍ ଭାସି ଯାଇଛି ।ଦୁଇ ଦୁଇଥର ଡ଼ାଇଭର୍ସନ ରାସ୍ତା ଭାସି ଯାଇଥିଲେ ମଧ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ଜଣାପଡ଼ିଛି। ଯଦି ସେହି ପୁରୁଣା ପୋଲ ଭୁଶୁଡ଼ି ପଡ଼ିବ ତେବେ ଓଡ଼ଗାଁ – ବାହାଡ଼ାଝୋଲା ରାସ୍ତା ବିଚ୍ଛିନ୍ନ ହେବା ଘଟଣାକୁ ଏଡ଼ାଇ ହେବନାହିଁ। ଏହାସହିତ ଏହି ରାସ୍ତାରେ ଭାରିଯାନ ଯିବା ଆସିବା କରିବା ସହିତ ବସ, ଟ୍ରକ ଆଦି ପ୍ରତ୍ୟେହ ଯାତାୟତ କରିଥାଏ। ଏସବୁକୁ ଦୃଷ୍ଟିରେ ରଖି ପୋଲ ନିର୍ମାଣ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି ।ଠିକାଦାର କାମକୁ ସାଢେ ୩ବର୍ଷ ନେଇ ପକାଇ ରଖିଥିଲେ ମଧ କାମ କେବେ ଆରମ୍ଭହୋଇ କେବେ ଶେଷହେବ ତାହା କାହାରିକୁ ଜଣାନାହିଁ।ଏଥିପ୍ରତି ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ସାରିବାକୁ ଅଂଚଳବାସୀ ଦାବି କରିଛନ୍ତି।

ଦେଓଗାଁ – ଭାଲିଆଡ଼ିହି ରାସ୍ତା ବିବାଦକୁ ନେଇ ଜିଲ୍ଲାପାଳଙ୍କ ଜରୁରୀକାଳୀନ ବୈଠକ

ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଦେଓଗାଁ – ଭାଲିଆଡିହି ରାସ୍ତା ବିବାଦ ଦିନକୁଦିନ ଜଟିଳ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଆଜି ନୟାଗଡ ଜିଲ୍ଲା ପ୍ରଶାସନ ଘଟଣାରେ ହସ୍ତକ୍ଷେପ କରି ସମାଧାନର ବାଟବାହାର କରିଛନ୍ତି। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ମଧୁମିତା ରଥ,ଏସପି ଶୁଭେନ୍ଦୁ ପାତ୍ର,ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା,ଏସଡିପିଓ ଦିପ୍ତିକାନ୍ତ ପ୍ରଧାନ.ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ବିଡ଼ିଓ ପ୍ରୀତିବାଳା ରଣା, ଆଇଆଇସି ସତ୍ୟ ନାରାୟଣ ବାରିକଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଥିଲା ।ରାସ୍ତା ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ତୁ ତୁ ମେଁ ମେଁ ଦେଖିବାକୁ ମିଳିଥିଲା ।ଦେଓଗାଁବାସୀ ନୂଆ ରାସ୍ତା ତିଆରି କରିବାପାଇଁ ପ୍ରଶାସନକୁ ଅପିଲ କରିଥିବା ବେଳେ ଭାଲିଆଡିହିବାସୀ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦେଇ ନୂଆ ରାସ୍ତା ନିର୍ମାଣ କରିବାକୁ ଚେଷ୍ଟା କରୁଥିବା ପ୍ରକାଶ କାରିଥିଲେ ।ଏଥିରେ ଜିଲ୍ଲାପାଳ ଓ ଏସପି ହସ୍ତକ୍ଷେପ କରି ନୂଆ ଏବଂ ପୁରୁଣା ଦୁଇଟି ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଲିଆଡିହି ଗ୍ରାମବାସୀ ରାସ୍ତା ନିର୍ମାଣକୁ ସ୍ୱୀକୃତି ଦେଇଥିଲେ ମଧ୍ୟ ଏକା ସଙ୍ଗରେ ଦୁଇଟି ଯାକ ରାସ୍ତା ନିର୍ମାଣ କରିବାକୁ ଦାବି ରଖିଥିଲେ। ଜିଲ୍ଲାପାଳ ପ୍ରଥମେ ନୂଆ ରାସ୍ତା ଓ ପରେ ପୁରୁଣା ରାସ୍ତା ତିଆରି ହେବବୋଲି କହିବାପରେ ଭାଲିଆଡିହି ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଥିଲେ ।ଏକା ସମୟରେ ଯଦି ଦୁଇଟି ରାସ୍ତା ତିଆରି ନହୁଏ ତେବେ ଭାଲିଆଡିହି ଗ୍ରାମବାସୀ ଅସହଯୋଗ କରିବେ ବୋଲି ପ୍ରଶାସନକୁ ଶୁଣାଇବା ସହିତ ଚୁକ୍ତିନାମାରେ ଦସ୍ତଖତ କରିନଥିଲେ ।ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ରାସ୍ତା ନିର୍ମାଣ କରାଯିବ ବୋଲି ଉଭୟ ଗ୍ରାମବାସୀଙ୍କୁ କହିଥିଲେ ।ଏହାସହିତ ସୋସିଆଲ ମିଡିଆରେ କୌଣସି ପ୍ରକାର ତଥ୍ୟ ସେୟାର ନକରିବାକୁ ଏସପି ତାଗିଦ କରିଥଲେ ।ବର୍ଷା ସମ୍ପୂର୍ଣ ଛାଡ଼ିବା ପରେ ରାସ୍ତା ନିର୍ମାଣ ଆରମ୍ଭ ହେବବୋଲି ଜଣାପଡିଛି ।ଅନ୍ୟମାନଙ୍କ ମଧ୍ୟରେ ଅଡିଶନାଲ ତହସିଲଦାର ଶ୍ରୀ ଜୀନୁ, ପାଣ୍ଡେରୀପଡା ରାଜସ୍ୱ ନିରୀକ୍ଷକ ଏବଂ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

ଗଜଲକ୍ଷ୍ମୀ ପୂଜାରେ ଯୋଗ ଦେଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଗଜପତି, (ମହାଭାରତ) : ପାରଳାଖେମୁଣ୍ଡି ଗଜପତି ମାର୍ଗ ଠାରେ ହଉଥିବା ୪୨ ତମ ଗଜଲକ୍ଷ୍ମୀ ପୂଜାରେ ଯୋଗ ଦେଲେ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଯୋଗ ଦେଇ ମାଙ୍କ ଦର୍ଶନ କରିଲେ। ଗଜପତି ଜିଲ୍ଲା ସଦର ମହକୁମା ପାରଳା ଖେମୁଣ୍ଡି ଗଜପତି ମାର୍ଗ ଠାରେ ହଉଥିବା ୪୨ ତମ ଗଜଲକ୍ଷ୍ମୀ ପୂଜାରେ ମାନ୍ୟବର ମନ୍ତ୍ରୀ ଯୋଗ ଦେଇ ମାଙ୍କ ଦର୍ଶନ କରିବା ସହ ଆଶିଷ ନେଇଥିଲେ । ପୂଜା କମିଟି ସଦସ୍ୟ ମାନେ ମାନ୍ୟବର ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଉପଢୋକନ୍ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ। ମନ୍ତ୍ରୀଙ୍କ ଉପସ୍ଥିତି କମିଟି ସଦସ୍ୟଙ୍କ ଉତ୍ସାହ ଦେଖା ଦେଇଥିଲା। ଏହା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ରାଇଘର ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିକଳ୍ପ ଚିତ୍ର ! ଚାରି ଦିନ ଧରି ବିଦ୍ୟାଳୟରେ ଶିକ୍ଷକଙ୍କ ଦେଖା ନାହିଁ, ଶିକ୍ଷା ବିଭାଗର ନିରବତାକୁ ନେଇ ଉଠିଲା ପ୍ରଶ୍ନ !

ରାଇଘର, (ମହାଭାରତ):ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର। ପିଲାମାନଙ୍କ ଭବିଷ୍ୟତ ଗଢ଼ିବାରେ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ଯଦି ବିଦ୍ୟାଳୟରେ ଶିକ୍ଷକଙ୍କ ଦେଖା ନମିଳେ, ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କିପରି ସୁରକ୍ଷିତ ରହିବ ?ଏଭଳି ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କେତେକ ବିଦ୍ୟାଳୟରୁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ବିଦ୍ୟାଳୟରେ ଗତ ଚାରି ଦିନ ଧରି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦେଖା ମିଳୁନାହିଁ। ଫଳରେ ବିଦ୍ୟାଳୟରେ ପାଠପଢ଼ା କିପରି ଚାଲିଛି, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଦାୟିତ୍ୱ କିଏ ତୁଲାଉଛନ୍ତି, ତାହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କ'ଣ ବିଧିବଦ୍ଧ ଭାବେ ଛୁଟି ନେଇଛନ୍ତି ? ଯଦି ଛୁଟି ନେଇଛନ୍ତି, ତେବେ ଏଥିପାଇଁ ଶିକ୍ଷା ବିଭାଗର ଅନୁମତି ନେଇଛନ୍ତି କି ? ବିଦ୍ୟାଳୟରେ ଅନୁପସ୍ଥିତ ରହିବା ସମ୍ପର୍କରେ ସମ୍ପୃକ୍ତ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି କି ନାହିଁ ?ଯଦି ବିନା ଅନୁମତିରେ ଶିକ୍ଷକମାନେ ଦୀର୍ଘ ଚାରି ଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି, ତେବେ ଏଭଳି ମନମୁଖୀ କାର୍ଯ୍ୟକୁ କିଏ ପ୍ରଶ୍ରୟ ଦେଉଛି ? ଶିକ୍ଷା ବିଭାଗର ନିୟମ କ'ଣ କେବଳ କାଗଜପତ୍ରରେ ସୀମିତ ରହିଯାଇଛି ? ଅନ୍ୟପଟେ, ଏହି ଘଟଣାକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିବା ସହ ଶିକ୍ଷା ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଯଦି ବିଦ୍ୟାଳୟରେ ଶିକ୍ଷକ ଉପସ୍ଥିତ ରହିବେ ନାହିଁ, ତେବେ ଗରିବ ଓ ଗ୍ରାମାଞ୍ଚଳର ପିଲାମାନେ ଉଚିତ ଶିକ୍ଷା ପାଇବେ କିପରି ?ଏବେ ପ୍ରଶ୍ନ ଉଠୁଛି, ରାଇଘର ବ୍ଲକ ଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଉଛି କି ? ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ଯାଞ୍ଚ କରାଯାଇଛି କି ? ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ? ଦାୟିତ୍ୱରେ ଅବହେଳା କରୁଥିବା ଶିକ୍ଷକଙ୍କୁ କ'ଣ ଜବାବଦେହ କରାଯିବ ?ଶେଷରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆମର ପ୍ରଶ୍ନ ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କେବେ ହେବ ? ଛାତ୍ରଛାତ୍ରୀଙ୍କ ପାଠପଢ଼ା କ୍ଷତିର ଭରଣା କିଏ କରିବ ?ପିଲାମାନଙ୍କ ଭବିଷ୍ୟତ ସହ ଖେଳିବାକୁ କାହାରିକୁ ଅଧିକାର ଦିଆଯାଇନାହିଁ। ତେଣୁ ଶିକ୍ଷା ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

ଚାମ୍ପିଅନ୍ସ ଟ୍ରଫିରେ ଭାରତର ଲଗାତାର ଦ୍ୱିତୀୟ ବିଜୟ

୫-୨ରେ ଚୀନ୍‌କୁ ଦେଲା ମାତ୍, ହରମନପ୍ରୀତ-ସୁଖଜିତଙ୍କ ଡବଲ୍ ଗୋଲ୍

ନୂଆଦିଲ୍ଲୀ,୩୦/୧୦: ପଞ୍ଜାବର ଜଳନ୍ଧରରେ ଚାଲିଥିବା ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାରତ କ୍ରମାନ୍ୱୟରେ ଦ୍ୱିତୀୟ ବିଜୟ ହାସଲ କରିଛି । ପ୍ରଥମ ମ୍ୟାଚରେ ୧୩-୦ରେ ବାଂଲାଦେଶକୁ ଏବଂ ଆଜି ଦ୍ୱିତୀୟ ମ୍ୟାଚରେ ୫-୨ରେ ଚୀନକୁ ପରାସ୍ତ କରିଥିଲା । ପଏଣ୍ଟ ଟେବୁଲରେ ଭାରତ ୬ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛି । ଚୀନ ବିପକ୍ଷରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା । ସୁଖଜିତ ସିଂ (୧୨, ୩୪ ମିନିଟ) ଓ ହର୍ମନପ୍ରୀତ ସିଂ (୨୭, ୩୧ ମିନିଟ) ଦୁହେଁ ଦୁଇଟି ଲେଖାଏଁ ଗୋଲ୍ ଦେଇ ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପୁଣି ଯୁଗରାଜ ୪୭ ମିନିଟରେ ତୃତୀୟ ଗୋଲ ସ୍କର କରିଥିଲେ । ଚୀନ ପକ୍ଷରୁ ୨୬ ଓ ୩୬ ମିନିଟରେ ୨ଟି ଗୋଲ ପରିଶୋଧ ହୋଇଥିଲା । ଆଜି ଖେଳାଯାଇଥିବା ଅନ୍ୟ ୨ଟି ମ୍ୟାଚରେ ମାଲେସିଆ ୩-୧ରେ ଦକ୍ଷିଣ କୋରିଆକୁ ଏବଂ ଜାପାନ ୧-୦ରେ ବାଂଲାଦେଶକୁ ପରାସ୍ତ କରିଥିଲା । ଆଜି ଜାପାନକୁ ଭେଟିବ ଭାରତ ।

ଦ୍ୱିତୀୟାର୍ଦ୍ଧରେ ହରମନପ୍ରୀତଙ୍କ ମ୍ୟାଜିକ୍- ବିରତି ପରେ ଭାରତୀୟ ଖେଳାଳିମାନେ ମ୍ୟାଚର ଗତି ବଢାଇଥିଲେ । ୨୭ତମ ମିନିଟରେ ହରମନପ୍ରୀତ ସିଂ ଏକ ପେନାଲ୍ଟି କର୍ଣ୍ଣରକୁ ରୂପାନ୍ତର କରି ଭାରତକୁ ପୁନର୍ବାର ଅଗ୍ରଣୀ ଦେଇଥିଲେ । ଏହା ପରେ ୩୧ତମ ମିନିଟରେ ସେ ଆଉ ଏକ ଗୋଲ ସ୍କର କରିଥିଲେ । ସେହିପରି ୩୪ତମ ମିନିଟରେ ସୁଖଜିତ୍ ସିଂ ଦ୍ୱିତୀୟ ଗୋଲ ସ୍କର କରି ଭାରତକୁ ୪-୧ରେ ଅଗ୍ରଣୀ କରାଇଥିଲେ । ୩୬ତମ ମିନିଟରେ ଚେନ୍ ଚୋଙ୍ଗକଙ୍ଗଙ୍କ ଗୋଲ୍ ବଳରେ ଚୀନ୍ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା, ଯିଏ ଡ୍ରାଗ୍ ଫ୍ଲିକ୍ ମାଧ୍ୟମରେ ବଲ୍ କୁ ଗୋଲପୋଷ୍ଟକୁ ପହଞ୍ଚାଇଥିଲେ ଏବଂ ସ୍କରକୁ ୪-୨ରେ ପରିଣତ କରିଥିଲେ । ଶେଷ କ୍ୱାର୍ଟରରେ ୪୭ତମ ମିନିଟରେ ଯୁଗରାଜ ସିଂହ ପେନାଲ୍ଟି କର୍ଣ୍ଣର ଗୋଲ କରି ଭାରତର ସ୍କରକୁ ୫-୨ରେ ପରିଣତ କରିଥିଲେ । ଏହା ପରେ ଭାରତୀୟ ଟିମ୍ ନିଜର ଅଗ୍ରଣୀ ବଜାୟ ରଖି ଚୀନ୍ କୁ ଫେରିବାର ସୁଯୋଗ ଦେଇନଥିଲା । ବ୍ୟାକ୍ ଟୁ ବ୍ୟାକ୍ ୱିନ୍ ପରେ ଆଜି ଜାପାନକୁ ଭେଟିବ ଟିମ୍ ଇଣ୍ଡିଆ ।

ଗତ ୨୭ ତାରିଖରୁ ପଞ୍ଜାବର ଜଳନ୍ଦରରେ ଆରମ୍ଭ ହୋଇଛି ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି । ପ୍ରଥମ ଦିବସରେ ଭାରତ ଏକତରଫା ଭାବେ ୧୩-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା । ସେମିତି ଜାପାନ ଓ ମାଲେସିଆ ମଧ୍ୟ ବିଜୟୀ ହୋଇଥିଲେ । ବାଂଲାଦେଶ ବିପକ୍ଷରେ ଭାରତ ଦମଦାର ବିଜୟ ହାସଲ କରିଥିଲା । ଏହି ମ୍ୟାଚ୍‌ରେ ଭାରତ ଗୋଲ୍ ବର୍ଷା କରିଛି । ୧୩-୦ରେ ଧୂଳି ଚାଟିଥିଲା ବାଂଲାଦେଶ । ବାଂଲାଦେଶ ବିପକ୍ଷରେ ଭାରତ ଏକତରଫା ବିଜୟ ହାସଲ କରିଥିଲା । ମନଦୀପ ସିଂ ହ୍ୟାଟ୍ରିକ୍ (୩, ୧୦, ୫୪ ମିନିଟ) ଗୋଲ ସ୍କର କରିଥିଲେ । ସେହିପରି ୨ ଓ ୪୪ ମିନିଟରେ ହର୍ମନପ୍ରୀତ ସିଂ, ୧୫ ମିନିଟରେ ଶିଳାନନ୍ଦ ଲାକ୍ରା, ୧୮ ମିନିଟରେ ଅଭିଷେକ, ୨୬ ମିନିଟରେ ନୀଳକାନ୍ତ ଶର୍ମା, ୪୩ ଓ ୪୪ ମିନିଟରେ ଦିଲପ୍ରୀତ ସିଂ, ୪୬ ମିନିଟରେ ଯୁଗରାଜ ସିଂ ଏବଂ ୬୦ ମିନିଟରେ ହାର୍ଦ୍ଦିକ ସିଂ ୨ଟି ଗୋଲ ଦେଇଥିଲେ । ଶେଷ ପର୍ଯ୍ୟନ୍ତ ବାଂଲାଦେଶ ଗୋଲ ଖାତା ଖୋଲି ପାରି ନଥିଲା । ମନଦୀପ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ଦୀର୍ଘ ବର୍ଷ ପରେ ଅନ୍ତର୍ଜାତୀୟ ହକି ପଞ୍ଜାବକୁ ଫେରିଛି । ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଭାରତ ବାଂଲାଦେଶ ଉଦଘାଟନୀ ପୂର୍ବରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭାରତ ସମେତ ମୋଟ ୬ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।

ଅକଲାଣ୍ଡ ଟି-୨୦ରେ ହାରିଲା ଭାରତ

ଆକଲାଣ୍ଡ,୩୦।୧୦: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଚତୁର୍ଥ ମୁକାବିଲା ଶୁକ୍ରବାର ଦିନ ଖେଳାଯାଇଛି । ଆକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତୀୟ ରନ୍‌ବୀରମାନେ ବିପର୍ଯ୍ୟୟର ଶିକାର ହୋଇଛନ୍ତି । ଫଳରେ ନ୍ୟୁଜିଲାଣ୍ଡ ୮୭ ରନ୍‌ରେ ବିଜୟ ହାସଲ କରିଛି । ନ୍ୟୁଜିଲାଣ୍ଡ ମାଟିରେ ଭାରତ ୭ବର୍ଷ ପରେ ପରାସ୍ତ ହୋଇଛି । ଏହି ମ୍ୟାଚ୍‌ରେ ଭାରତକୁ ନ୍ୟୁଜିଲାଣ୍ଡ ୨୬୦ ରନ୍‌ର ବଡ଼ ଲକ୍ଷ ଦେଇଥିଲା । କିନ୍ତୁ ଭାରତୀୟ ବ୍ୟାଟର ନିଜର ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିଲେ । ଭାରତୀୟ ଟିମ୍ ୨୦ ଓଭରରେ ୯ଟି ୱିକେଟ ହରାଇ ୧୭୨ ରନ୍ କରିପାରିଥିଲେ ।

ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୫୯ ରନ୍ ସଂଗ୍ରହ କରିଥିଲେ । ଗ୍ଲେନ ଫିଲିପ୍ସ ଏକ ବିସ୍ଫୋରକ ଶତକ ହାସଲ କରିଥିଲେ । ସେ ୪୯ଟି ବଲ୍ ଖେଳି ୬ଟି ଚୌକା ଏବଂ ୧୦ଟି ଛକା ବଳରେ ୧୦୭ ରନ୍ ସଂଗ୍ରହ କରିଥିଲେ । ସେହିପରି ମିଚେଲ ବ୍ରାସୱେଲ୍ ୨୫ଟି ବଲ୍ ଖେଳି ୪ଟି ଚୌକା ଏବଂ ୬ଟି ଛକା ବଳରେ ୬୫ ରନ୍ ଯୋଡ଼ିଥିଲେ ।

ଏହି ବିଜୟ ସହିତ ନ୍ୟୁଜିଲାଣ୍ଡ ଟି-୨୦ଶୃଙ୍ଖଳାକୁ ୧-୩ କରିଦେଇଛି । ଶୃଙ୍ଖଳାର ଅନ୍ତିମ ମୁକାବିଲା ଆସନ୍ତା ନଭେମ୍ବର ୧ ତାରିଖରେ ହାମିଲଟନରେ ଖେଳାଯିବ । ଲକ୍ଷ୍ୟ ପଛରେ ଥିବା ଭାରତୀୟ ଟିମ୍‌ର ପ୍ରାରମ୍ଭିକ ପ୍ରଦର୍ଶନ ଖରାପ ଥିଲା । ପ୍ରଥମ ଓଭରରେ ସଂଜୁ ସାମସନ (୪ରନ୍)ଙ୍କୁ ଜାକବ ଡଫି ଆଉଟ୍ କରିଥିଲେ । ଈଶାନ କିଶନ (୦ରନ୍)ରେ ଭାରତକୁ ଦ୍ୱିତୀୟ ୱିକେଟ ଭାବେ ଝଟକା ଦେଇଥିଲେ । ଏହା ପରେ ଶ୍ରେୟସ ଆୟର ଏବଂ ଅଭିଷେକ ଶର୍ମାଙ୍କ ମଧ୍ୟରେ ତୃତୀୟ ଓଭରରେ ୪୬ ରନ୍‌ର ଭାଗିଦାରୀ ହୋଇଥିଲା । ମ୍ୟାଥ୍ୟୁ ଫିଶର ବଲ୍‌ରେ ଏହି ଭାଗିଦାରୀ ଶେଷ ହୋଇଥିଲା । ଅଭିଷେକ ଶର୍ମା ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ଅଭିଷେକ ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୫ଟି ବଲ୍ ସାମ୍ନା କରିଥିଲେ ଏବଂ ୨୭ ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ ଆୟର ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ । ଏହା ପରେ ଭାରତୀୟ ଟିମ୍ ନୀତିଶ କୁମାର ରେଡ୍ଡୀ (୨୧ ରନ୍) ଏବଂ ଅକ୍ଷର ପଟେଲ (୭ରନ୍) କରିଥିଲେ । ଏହା ପର ଠାରୁ ଭାରତର ବିଜୟ ଆଶା ମଉଳିବାକୁ ଲାଗିଥିଲା । ଯୁବ ଭାରତୀୟ ଖେଳାଳି ନମନ ଧୀର କିଛି ଭଲ ସର୍ଟ ଖେଳିଥିଲେ । କିନ୍ତୁ ସେ ମଧ୍ୟ ବେଶୀ ସମୟ ପର୍ଯ୍ୟନ୍ତ ପଡ଼ିଆରେ ତିଷ୍ଠି ପାରି ନଥିଲେ । ସେ ୧୩ଟି ବଲ୍ ଖେଳି ୨୮ ରନ୍ କରିଥିଲେ । ତିଳକ ବର୍ମା ୧୦୦ ରନ୍‌ରେଟ୍‌ରେ ୩୫ ରନ୍ କରିଥିଲେ । ନ୍ୟୁଜିଲାଣ୍ଡର ଜାକବ ଡଫିଙ୍କୁ ୪ଟି ୱିକେଟ୍ ମିଳିଥିଲା । ମ୍ୟାଥ୍ୟୁ ଫିଶର ଏବଂ ମିଚେଲ ସେଣ୍ଟନର ୨-୨ ୱିକେଟ୍ ନେଇଥିଲେ ।

ରାଜ୍ୟ କୁସ୍ତି ଉଦ୍‌ଯାପିତ : ପୁରୀ ଓ କଟକର ଆଧିପତ୍ୟ

ସମ୍ବଲପୁର,୩୦।୧୦: ସମ୍ବଲପୁରର ଗଙ୍ଗାଧର ମଣ୍ଡପଠାରେ ଚାଲିଥିବା ରାଜ୍ୟ କୁସ୍ତିପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୁରୀ ଓ କଟକ ଖେଳାଳି ଆଧିପତ୍ୟ ବିସ୍ତାର କରିଥିଲେ । ଦ୍ୱିତୀୟ ତଥା ଅନ୍ତିମ ଦିନରେ ୧୭ ଓ ୧୫ ବର୍ଷରୁ କମ୍ ବାଳକ, କନିଷ୍ଠ ମହିଳା, ବରିଷ୍ଠ ମହିଳା ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

୧୭ ବର୍ଷରୁ କମ୍ ବାଳକ ୫୧ କେଜିରେ ପୁରୀର ଆକାଶ ପୃଷ୍ଟି, ୫୬ କେଜିରେ କଟକର ରୋହିତ ସାମଲ, ୧୫ ବର୍ଷରୁ କମ୍ ୪୬ କେଜିରେ ପୁରୀର ବୀରେନ ଦଳାଇ, ୫୩ କେଜିରେ ପୁରୀର ଜୟକୃଷ୍ଣ ସାମନ୍ତରାୟ ବିଜେତା ହୋଇଛନ୍ତି । କନିଷ୍ଠ ମହିଳା ୫୦ କେଜିରେ କଟକର ଶୁଭଲକ୍ଷ୍ମୀ ପାଲ, ୫୩ କେଜିରେ କଟକର ଅନ୍ନପୂର୍ଣ୍ଣା ନାୟକ, ୫୬ କେଜିରେ କଟକର ସୋନିଆ ନାୟକ, ୫୯ କେଜିରେ କଟକର ଗାୟତ୍ରୀ ପାଣି ବିଜୟିନୀ ହୋଇଛନ୍ତି ।ବରିଷ୍ଠ ମହିଳା ୫୦ କେଜିରେ କଟକର ଶୁଭଶ୍ରୀ ନାୟକ, ୫୩ କେଜିରେ ପୁରୀର ଆଲୋକରଶ୍ମି ଗୁରୁ, ୫୫ କେଜିରେ ଭଦ୍ରକର ବନିତା ବେହେରା, ୫୭ କେଜିରେ ପୁରୀର ସୁପ୍ରିୟା ମହାପାତ୍ର, ୫୯ କେଜିରେ ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ବେହେରା, ୬୨ କେଜିରେ କଟକର ଅଜିଜା ବେଗମ୍, ୬୮ କେଜିରେ ସମ୍ବଲପୁରର ତମନ୍ନା ଗୋପେ, ୭୨ କେଜିରେ ପୋଷ୍ଟାଲର ମନୀଷା ବେହେରା ବିଜୟିନୀ ହୋଇଛନ୍ତି ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ପ୍ରଦୀପ ବହିଦାର ଏବଂ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ସଭାପତି ଗିରୀଶ ପଟେଲ, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ଲକ୍ଷ୍ମଣ ମେହେର ଉପସ୍ଥିତ ଥିଲେ । ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଅରୁଣ ଆଜାଡ଼ିୱାଲ, ସ୍ୱାଗତ ଘଡ଼ଇ, ସଞ୍ଜୀବ ପଟ୍ଟନାୟକ, ପରେଶ ବେରିହା, କ୍ଷମାନିଧି ବାଦୀ, ପୁଷ୍ପାଞ୍ଜଳି ସାହୁ, ଶାନ୍ତି ଗୋପେ, ଆଶା ସାମଲ ଓ ଡିଙ୍ଗିର ମେହେର ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ ।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡ଼ିଲେ ପ୍ରସିଦ୍ଧ କ୍ରିଷ୍ଣା

ନୂଆଦିଲ୍ଲୀ,୩୦।୧୦: ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଭାରତର ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରୁ ବାଦ୍ ପଡ଼ିଛନ୍ତି ପ୍ରସିଦ୍ଧ କ୍ରିଷ୍ଣା । ସେ ହ୍ୟାମଷ୍ଟ୍ରିଙ୍ଗ୍ (ଜଙ୍ଘର ମାଂସପେଶୀ) ଆଘାତରୁ ସୁସ୍ଥ ହେଉଥିବା ବେଳେ ମ୍ୟାଚ୍ ଖେଳିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବାକୁ ଆହୁରି ଅଧିକ ସମୟ ଲାଗିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ରିଟର୍ନ ଟୁ ପ୍ଲେ ଆସେସମେଣ୍ଟରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରସିଦ୍ଧ କ୍ରିଷ୍ଣା ନ୍ୟୁଜିଲ୍ୟାଣ୍ଡ ଇ ବିପକ୍ଷ ତୃତୀୟ ତଥା ଅନ୍ତିମ ଚାରିଦିନିଆ ମ୍ୟାଚ୍ ଖେଳିବାକୁ ଭାରତ ଇ ଦଳରେ ସାମିଲ ହେବେ । ଏହା ଦ୍ୱାରା ସେ ମ୍ୟାଚ୍ ଅଭ୍ୟାସ କରିବାର ସୁଯୋଗ ପାଇବେ ଏବଂ ଟେଷ୍ଟ ସିରିଜ୍ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ।ନୀତୀଶ କୁମାର ରେଡ୍ଡୀଙ୍କୁ ନଭେମ୍ବର ୪ରେ ଖେଳାଯିବାକୁ ଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ପାଇଁ ୧୫ ଜଣିଆ ଦଳରେ ସ୍ଥାନିତ କରାଯାଇଛି । ଏହା ପରେ ନ୍ୟୁଜିଲ୍ୟାଣ୍ଡ ଇ ବିପକ୍ଷ ତୃତୀୟ ତଥା ଅନ୍ତିମ ଚାରିଦିନିଆ ମ୍ୟାଚ୍ ପାଇଁ ନୀତୀଶ ଭାରତ ଇ ଦଳ ସହ ଯୋଡ଼ିହେବେ । ନଭେମ୍ବର ୧୯ରୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ଏହି ମ୍ୟାଚ୍ ତାଙ୍କୁ ଅଭ୍ୟାସର ସୁଯୋଗ ଦେବ ।

ପ୍ରଥମ ୩ଟି ଦିନିକିଆ ମ୍ୟାଚ୍ ପାଇଁ ଭାରତୀୟ ଦଳ : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେ.ଏଲ ରାହୁଲ (ୱିକେଟ୍ କିପର), ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, ଈଶାନ କିଶନ (ୱିକେଟ କିପର), ମହମ୍ମଦ ସିରାଜ, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ (କେବଳ ପ୍ରଥମ ଦିନିକିଆ ପାଇଁ) ।

ଉଥପ୍ପା ମୁମ୍ବାଇ ଇଣ୍ଡିଆନ୍ସ ପ୍ରଶିକ୍ଷକ

ମୁମ୍ବାଇ,୩୦।୧୦: ପୂର୍ବତନ ଭାରତୀୟ ବ୍ୟାଟର୍ ଓ ଦୁଇ ଥର ଆଇପିଏଲ୍ ବିଜେତା ରବିନ ଉଥାପ୍ପାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି । ତାଙ୍କ ସହ ପୂର୍ବତନ ନ୍ୟୁଜିଲାଣ୍ଡ ବୋଲର ମିଚେଲ ମ୍ୟାକ୍‌କ୍ଲିନାଘନ (ବୋଲିଂ), ପୂର୍ବତନ ଭାରତୀୟ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଟି ଦିଲୀପ (ଫିଲ୍ଡିଂ) ଓ ବୋଲର ଧାୱଲ କୁଲକର୍ଣ୍ଣି (ଡେଭେଲପ୍‌ମେଣ୍ଟ ବୋଲିଂ)ଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୭ ଆଇପିଏଲ୍ ମିନି ନିଲାମ ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ କିରଣ ପୋଲାର୍ଡଙ୍କ ନେତୃତ୍ୱାଧୀନ ପ୍ରଶିକ୍ଷକ ମଣ୍ଡଳୀରେ ସାମିଲ କରିଛି ।ଗତ ସପ୍ତାହରେ ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ ପୋଲାର୍ଡଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିବା ପରେ ଗୁରୁବାର ବୋଲିଂ ପ୍ରଶିକ୍ଷକ ଲସିତ ମଲିଙ୍ଗା, ପାରାସ ମହାମ୍ବ୍ରେ ଏବଂ ଫିଲ୍ଡିଂ ପ୍ରଶିକ୍ଷକ କାର୍ଲ ହୋପକିନ୍‌ସନ୍‌ଙ୍କ ସହ ଚୁକ୍ତି ସମାପ୍ତ କରିଥିଲା ୫ ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ । ଉଥାପ୍ପା, ମ୍ୟାକ୍‌କ୍ଲିନାଘନ ଓ କୁଲକର୍ଣ୍ଣି ନିଜ ଖେଳ ଜୀବନରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍‌ରେ ଖେଳିଛନ୍ତି । ଉଥାପ୍ପା କେବଳ ୨୦୦୮ ପ୍ରଥମ ସଂସ୍କରଣରେ ଏହି ଦଳ ସହ ଥିଲା ବେଳେ ମ୍ୟାକ୍‌କ୍ଲିନାଘନ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ମୁମ୍ବାଇ ପକ୍ଷରୁ ୫୬ ମ୍ୟାଚ୍ ଖେଳି ୭୧ ୱିକେଟ୍ ଅକ୍ତିଆର କରିଥିଲେ । ମୁମ୍ବାଇ ପକ୍ଷରୁ ଉଥାପ୍ପା ୧୪ ମ୍ୟାଚ୍ ଖେଳି ୧୧୪ ଷ୍ଟ୍ରାଇକ୍‌ରେଟ୍‌ରେ ୩୨୦ ରନ୍ ସଂଗ୍ରହ କରିଥିଲେ । ଏହାପରେ ସେ ୫ ଆଇପିଏଲ୍ ଫ୍ରାଞ୍ଚାଇଜିରୁ ଖେଳିଥିଲେ । କୋଲକାତା ନାଇଟ୍ ରାଇଡର୍ସ (୨୦୧୪) ଓ ଚେନ୍ନାଇ ସୁପର କିଙ୍ଗ୍ସ (୨୦୨୧) ବିଜେତା ଦଳର ଉଥପ୍ପା ସଦସ୍ୟ ମଧ୍ୟ ଥିଲେ । ସେ ୨୦୫ ଆଇପିଏଲ୍ ମ୍ୟାଚ୍‌ରୁ ୪୯୫୨ ରନ୍ କରିଛନ୍ତି । ଭାରତ ପକ୍ଷରୁ ୧୨ ଦିନିକିଆ ଓ ୨ ଟ୍ୱେଣ୍ଟି-୨୦ ଖେଳିଥିବା କୁଲକର୍ଣ୍ଣି ମଧ୍ୟ ୨୦୦୮ରୁ ୨୦୧୩ ଏବଂ ଏହାପରେ ୨୦୨୦ ଓ ୨୦୨୧ରେ ମୁମ୍ବାଇ ପକ୍ଷରୁ ଖେଳିଥିଲେ ।



ହକି ବିଶ୍ୱକପ୍ ୨୦୩୦ ଆୟୋଜନ ଦୌଡ଼ରେ ଓଡ଼ିଶା ସହ ପଞ୍ଜାବ ଓ ତାମିଲନାଡୁ

ଜଳନ୍ଧର,୩୦।୧୦(ଏଜେନ୍ସି): ଅଗାମୀ ୨୦୩୦ ଏଫ୍ଆଇଏଚ୍ ପୁରୁଷ ଓ ମହିଳା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଓଡ଼ିଶା ସମେତ ପଞ୍ଜାବ ଓ ତାମିଲନାଡୁ ରହିଛନ୍ତି । ଏହି କଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହ କହିଛନ୍ତି । ପୂର୍ବରୁ ଓଡ଼ିଶା ଦୁଇ ଥର ପୁରୁଷ ବିଶ୍ୱକପ୍ (୨୦୧୮, ୨୦୨୩) ଆୟୋଜନ କରିଥିଲା । ପୁରୁଷ କନିଷ୍ଠ ବିଶ୍ୱକପ୍ ଗତ ବର୍ଷ ଚେନ୍ନାଇ ଓ ମଦୁରାଇରେ ତାମିଲନାଡୁ ସଫଳତାର ସହ ଆୟୋଜନ କରିଛି ।

କିନ୍ତୁ ପଞ୍ଜାବରେ ଏପର୍ଯ୍ୟନ୍ତ ଏହି ବଡ଼ ଇଭେଣ୍ଟ ହୋଇନାହିଁ । ସଂପ୍ରତି ଏହି ରାଜ୍ୟରେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି । ୧୭ ବର୍ଷ ପରେ ପ୍ରଥମ ଥର ପଞ୍ଜାବକୁ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଫେରିଛି ।ଶେଷ ଥର ଲାଗି ପଞ୍ଜାବରେ ୨୦୦୯ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଖେଳାଯାଇଥିଲା । ବିଶ୍ୱକପ୍ ଆୟୋଜନ ଅଧିକାର ନେଇ ଭୋଳାନାଥ କହିଛନ୍ତି ଯେ, ''ଓଡ଼ିଶା, ତାମିଲନାଡୁ ଓ ପଞ୍ଜାବ ଏହି ଦୌଡ଼ରେ ଅଛନ୍ତି । ଯଦି ଓଡ଼ିଶାକୁ ହକି ବିଶ୍ୱକପ୍ ଆୟୋଜନ ଅଧିକାର ମିଳେ, ତେବେ ଏହି ରାଜ୍ୟ ପାଇଁ ବଡ଼ ସଫଳତା ହେବ । ଓଡ଼ିଶା ବି ପ୍ରଥମ ପସନ୍ଦରେ ରହିଛି । ମୁଁ ଚାହେ ହକି ଦେଶର ସବୁ କୋଣରେ ପହଞ୍ଚୁ ।

ତାମିଲନାଡୁ ଅନେକ ଅଲିମ୍ପିଆନ୍ ତିଆରି କରିଛି ଏବଂ ଆମେ ଗତ ବର୍ଷ ସେଠାରେ କନିଷ୍ଠ ବିଶ୍ୱକପ୍ କରିଥିଲୁ । ପଞ୍ଜାବରେ ଏବେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି । ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟପ୍ରଦେଶରେ ହୋଇ ନଥିବା ବେଳେ ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ଏହାର ରାଜଧାନୀ ଭୋପାଳରେ ନଭେମ୍ବର ୧୯ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବ'' ।

ମନ୍ଧାନା-କୌରଙ୍କ ଭିତରେ ଫାଟ !

ବଡ଼ଦୋରା,୩୦।୧୦ ଜିମ୍ବାୱେ ବିପକ୍ଷ ଶେଷ ଘରୋଇ ଦିନିକିଆକୁ ୮ ୱିକେଟ୍‌ରେ ଜିତି ଭାରତ ୩-୦ରେ ଶୃଙ୍ଖଳା ମୂଳପୋଛ କରିଥିଲା । ଏହି ବିଜୟକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହୋଇ ନଥିଲା । ହେଲେ ଏହି ବିଜୟ ପରେ ଭାରତର ନୂଆ ଅଧିନାୟିକା ସ୍ମୃତି ମନ୍ଧାନା ଓ ପୁରୁଣା ଅଧିନାୟିକା ହରମନ୍‌ପ୍ରୀତ କୌର ହାତ ନ ମିଳାଇବା ଘଟଣା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା । ମ୍ୟାଚ୍ ପରେ ଭାରତୀୟ ଖେଳାଳିମାନେ ହାତ ମିଳାଇ ଡଗ୍‌ଆଉଟ୍‌କୁ ଯାଉଥିବା ବେଳେ କ୍ୟାମେରା ଏହି ଦୁଇ ଖେଳାଳିଙ୍କ ଉପରେ ନଜର ପକାଇଥିଲା ।

ମନ୍ଧାନାଙ୍କ ନିକଟକୁ ହରମନ୍‌ପ୍ରୀତ ଯାଉଥିବା ବେଳେ ସେ ଅନ୍ୟ ଦିଗକୁ ମୁହଁ କରିଥିଲେ ଏବଂ ଉଭୟ ହାତ ମିଳାଇ ନଥିଲେ । ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଉଭୟ ଖେଳାଳିଙ୍କ ମଧ୍ୟରେ ମତଭେଦ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ହେଲେ ଏହି ଭିଡିଓକୁ ନେଇ କିଛି ସ୍ପଷ୍ଟ ନଥିବାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ଥିବା ଜଣାପଡ଼ିନି । ଅନ୍ୟପକ୍ଷରେ ଭାରତୀୟ ମହିଳା କ୍ରିକେଟ୍‌ର ଏହି ଦୁଇ ତାରକାଙ୍କ ମଧ୍ୟରେ ଏଭଳି କିଛି ନ ଘଟୁ ବୋଲି ପ୍ରଶଂସକ ଆଶା ରଖିଛନ୍ତି ।

ଚିନ୍ମୟ ସୁତାର ଭାଙ୍ଗିଲେ ୧୦୦ବର୍ଷ ପୁରୁଣା ରେକର୍ଡ଼

ମୁମ୍ବାଇ,୩୦।୧୦ : ଚିନ୍ମୟ ସୁତାର ରଣଜୀ ଟ୍ରଫିରେ ଅଟକିବାରେ ନାଁ ଧରୁନାହାନ୍ତି । ୨୯ବର୍ଷୀୟ ଏହି ବ୍ୟାଟର ନିଜ ଐତିହାସିକ ନଟଆଉଟ ୪୦୦ରନ ପରେ ଏବେ ପୁଣି ଏକ ଶତକ ଯୋଡ଼ିଛନ୍ତି । ମିଜୋରାମ ଲାଗି ଖେଳିବାକୁ ଯାଇ ସେ ମେଘାଳୟ ବିପକ୍ଷରେ ନଡିୟାଦରେ ୧୨୫ରନ୍ କରିଥିଲେ । ଏହା ତାଙ୍କର ଲଗାତର ଦ୍ୱିତୀୟ ଶତକ ଅଟେ । ସୁତାର ୨୧୫ ବଲରେ ୧୨ ଚୌକା ସାହାଯ୍ୟରେ ୧୨୫ରନ୍ କରିଥିଲେ । ଏହାସହ ସେ ନିଜ ୪ ପ୍ରଥମ ଶ୍ରେଣୀ ପାଳିରେ ପ୍ରାୟ ୬୫୯ରନ୍ କରିଥିଲେ । ସେ ଅଷ୍ଟ୍ରେଲିଆର ୱିଲ ପାସ୍ନଫୋର୍ଡ଼ଙ୍କ ୧୦୦ବର୍ଷର ପୁରୁଣା ରେକର୍ଡ଼ ବି ଭାଙ୍ଗିଛନ୍ତି । ପାସ୍ନଫୋର୍ଡ଼ ନିଜ ପ୍ରଥମ ଚାରି ପାଳିରେ ୬୧୬ରନ୍ କରିଥିଲେ ।

କିଛି ଦିନ ପୂର୍ବରୁ ଚିନ୍ମୟ ସୁତାର ରଣଜୀ ଟ୍ରଫି ଇତିହାସର ସବୁଠାରୁ ସ୍ମରଣୀୟ ପାଳିରୁ ଗୋଟିଏ ଖେଳିଥିଲେ । ନାଗାଲାଣ୍ଡ ବିପକ୍ଷରେ ଖେଳିବାକୁ ଯାଇ ସେ ୪୦୦ରନ୍ କରିଥିଲେ । ସେ ୫୧୭ବଲରେ ୪୬ଚୌକା ଏବଂ ୭ ଛକ୍କା ଯୋଡ଼ିଥିଲେ । ସେ ରଣଜୀ ଟ୍ରଫିରେ ଚତୁର୍ଥ ଶତକ ଲଗାଇଥିବା କେବଳ ଦ୍ୱିତୀୟ ବ୍ୟାଟର ହୋଇଛନ୍ତି । ମହାରାଷ୍ଟ୍ରର ଭାଉସାହେବ ନିମ୍ବାଲକର ୧୯୪୮-୪୯ସିଜନରେ କାଟିୟାୱାଡ଼ ବିପକ୍ଷରେ ନଟଆଉଟ୍ ୪୪୩ରନ୍ କରିଥିଲେ । ଯାହା ରଣଜୀ ଟ୍ରଫିରେ ସବୁଠାରୁ ବଡ଼ ସ୍କର ଅଟେ । ସୁତାର ପ୍ରଥମ ଶ୍ରେଣୀ କ୍ରିକେଟ ଇତିହାସରେ ୪୦୦ରନ୍ କରିଥିବା ଦଶମ ବ୍ୟାଟର ବି ହୋଇଯାଇଛନ୍ତି । ଏହି ଲିଷ୍ଟରେ ବ୍ରାୟନ ଲାରା, ଡନ ବ୍ୟାଡ଼ମ୍ୟାନ ଏବଂ ପସ୍ନଫୋର୍ଡ଼ ଭଳି ବଡ଼ ନାଁ ବି ସାମିଲ ରହିଛି ।

ସୂତାରଙ୍କ ଯାତ୍ରା ବହୁତ ଆକର୍ଷଣୀୟ । ସେ ଜଣେ ମୁମ୍ବାଇ ବ୍ୟାଟର ଏବଂ ସହରର ପ୍ରତିଯୋଗିତାମୂଳକ ସ୍ଥାନୀୟ କ୍ରିକେଟ ସର୍କିଟରେ ନିଜ ପାଇଁ ଏକ ନାମ ଅର୍ଜନ କରିଥିଲେ । ତଥାପି, ତାଙ୍କୁ ମୁମ୍ବାଇର ଲାଲ ବଲ୍ କ୍ରିକେଟରେ ନିୟମିତ ସୁଯୋଗ ମିଳୁନଥିଲା । ତା'ପରେ ସେ ୨୦୨୬-୨୭ ସିଜନ୍ ପୂର୍ବରୁ ମିଜୋରାମ ଚାଲିଗଲେ । ମିଜୋରାମ ତାଙ୍କୁ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବାର ସୁଯୋଗ ଦେଇଥିଲା ଏବଂ ସେ ରେକର୍ଡ଼ ବୁକରେ ନିଜ ନାମ ଲେଖି ଏହାର ପ୍ରତିକ୍ରିୟା ଦେଇଛନ୍ତି । ସେ ବିଜୟ ହଜାରେ ଟ୍ରଫିରେ ମୁମ୍ବାଇ ପାଇଁ ମଧ୍ୟ ଖେଳିଥିଲେ ।

ସୁତାର ମଣିପୁର ବିପକ୍ଷରେ ୩୫ ଏବଂ ୯୯ରନର ସ୍କୋର ସହ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ । ୯୯ରନରେ ସେ ରନ ଆଉଟ ହୋଇଥିଲେ, ଏକ ଶତକରୁ ବଞ୍ଚିତ ହୋଇଥିଲେ । ତା'ପରେ ସେ ନାଗାଲ୍ୟାଣ୍ଡ ବିପକ୍ଷରେ ଇତିହାସ ରଚିଥିଲେ ଏବଂ ବର୍ତ୍ତମାନ ମେଘାଳୟ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ନାଗାଲ୍ୟାଣ୍ଡ ବିପକ୍ଷରେ ତାଙ୍କର ୪୦୦ରନର ଇନିଂସରେ ଲାଲରେମ୍ପୁଇୟା ଛକଛୁଆକଙ୍କ ସହ ଶେଷ ୱିକେଟ ପାଇଁ ୧୯୦ରନର ଅବିଚ୍ଛେଦ୍ୟ ଭାଗୀଦାରୀ ଅନ୍ତର୍ଭୁକ୍ତ ଥିଲା ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର